BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ଚତୁର୍ଥ ସଂଖ୍ୟା | ଜୁଲାଇ - ଅଗଷ୍ଟ ୨୦୨୪
Vol. No. 02 | Issue No. 04 | July - August 2024
Refereed Peer-Reviewed Journal
BM2024/04-A003
https://bageesha.in
OPEN ACCESS

# ଓଡ଼ିଆ ଉପନ୍ୟାସରେ ସମକାମିତା ପ୍ରସଙ୍ଗ

■ ବିପୁନ ପୁହାଣ

ଗବେଷକ, ଓଡ଼ିଆ ବିଭାଗ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ

Article Received : 31.07.2024 | Accepted : 25.08.2024 | Published : 25.09.2024

BM2024/04-A003

**ସାରାଂଶ**

ABSTRACT

ସମକାମିତା ପ୍ରସଙ୍ଗ ଓଡ଼ିଆ ଉପନ୍ୟାସ ସାହିତ୍ୟରେ ନୂଆ ନୁହେଁ। ସ୍ୱାଧୀନତା ପ୍ରାପ୍ତିର ଯଥେଷ୍ଟ ପୂର୍ବରୁ ୧୯୩୭ ମସିହାରୁ ସମକାମିତାକୁ ଆଧାର କରି ଓଡ଼ିଆ ଉପନ୍ୟାସ ସୃଷ୍ଟି କରିବାର ପ୍ରୟାସ କରାଯାଇଛି। ମାତ୍ର ପରିବାରର ପରିଧିରୁ ଦେଶର ନ୍ୟାୟିକ ସୁରକ୍ଷା ପର୍ଯ୍ୟନ୍ତ, ଧାର୍ମିକ ଦୃଷ୍ଟିଭଙ୍ଗୀରୁ ସାମାଜିକ ବିଧି ବ୍ୟବସ୍ଥା ପର୍ଯ୍ୟନ୍ତ ସବୁଠି, ସବୁ କ୍ଷେତ୍ରରେ ଏହିଭଳି ଏକ ପରଂପରାହୀନ ପ୍ରେମ ସମ୍ପର୍କକୁ ସ୍ୱୀକାର କରିବାର ଦ୍ୱନ୍ଦ୍ୱ ଯେଉଁଠି ଆଜିବି ବଳବତ୍ତର, ସେଇଠି ଆମ ସାହିତ୍ୟ ସମାଲୋଚକମାନେ ବିମୁଖତା ପ୍ରଦର୍ଶନ କରିବା ସ୍ୱାଭାବିକ। ତେଣୁ ଏହି ସମ୍ବେଦନଶୀଳ ପ୍ରସଙ୍ଗଟି ଆଜିବି ଓଡ଼ିଆ ସାହିତ୍ୟରେ ଅନାଲୋଚିତ ପ୍ରାୟ। ଯଦିଓ ଅଧୁନା ଭାରତରେ ସମଲୈଙ୍ଗିକତାକୁ ସାମ୍ବିଧାନିକ ସ୍ୱୀକୃତି ମିଳିଛି। ଇଂରେଜ ଅମଳରୁ ଚଳିଆସୁଥିବା ଔପନିବେଶୀୟ ନ୍ୟାୟ ବ୍ୟବସ୍ଥାରେ ସୁଧାର ଆଣିଛି। ଧାରା ୩୭୭ର ଉଚ୍ଛେଦ ଘଟିଛି। ତଥାପି ଭାରତୀୟ ସମାଜ ବ୍ୟବସ୍ଥା ଓ ଜନଗଣର ମାନସିକତାରେ ସମକାମିତା କେତେ ଗ୍ରହଣୀୟ ହୋଇପାରିଛି ଏହା ଚିନ୍ତାର ବିଷୟ। ତେଣୁ ଏହି ଅନାଲୋଚିତ ପ୍ରାୟ ଓଡ଼ିଆ ଉପନ୍ୟାସରେ ସମକାମୀ ପ୍ରେମ ପ୍ରସଙ୍ଗର ଇତିହାସ ଓ ସାମାଜିକ ଅଧିକାରର ସଂଗ୍ରାମ ଯେତିକି ମାର୍ମିକ, ଯେତିକି ବିଡମ୍ବିତ, ଯେତିକି ଉପହାସିତ, ସେତିକି ସମ୍ବେଦନଶୀଳ ଓ ସେତିକି ଚେତନା ସଂଘାତି ମଧ୍ୟ। ସମକାମିତା ଆମକୁ ଭାବିବାକୁ ବାଧ୍ୟ କରେ ଯେ- ସତରେ କେତେ ପ୍ରଗତିଶୀଳ ଆମେ? କେତେ ମୁକ୍ତ ଆମର ଚିନ୍ତନ? ମଣିଷର ବୈଚିତ୍ର୍ୟକୁ ବୁଝିବାରେ ଓ ହୃଦୟର ଆକର୍ଷଣକୁ ସ୍ୱୀକାର କରିନେବାରେ କେତେ ସମର୍ଥ ଆମର ମାନସିକତା? ଏହିପରି ବିବିଧ ପ୍ରଶ୍ନମୟତାର ସାମ୍ନାରେ ସମକାମୀ ପ୍ରସଙ୍ଗ ଆଧାରିତ ଉପନ୍ୟାସ ସବୁର ଗ୍ରନ୍ଥି ଉନ୍ମୋଚନ କରିଦେବା ହିଁ ଏହି ପ୍ରବନ୍ଧର ହେତୁ।

ମୂଳଶବ୍ଦ: ସମକାମିତା, ଉପନ୍ୟାସ ସାହିତ୍ୟ, ସମଲୈଙ୍ଗିକତା, ସମକାମୀ ପ୍ରେମ ପ୍ରସଙ୍ଗ, ଓଡ଼ିଆ ଉପନ୍ୟାସ

ପ୍ରେମର ଆକର୍ଷଣ ଦୁର୍ବାର। ଦୈହିକ ହେଉକି ମାନସିକ, ହେଉବି ଆଧ୍ୟାତ୍ମିକ, ସକଳ ଆକର୍ଷଣର ମୂଳରେ ଥାଏ ହୃଦୟସତ୍ତାର ସ୍ୱୀକାରୋକ୍ତି। ଏଇ ହୃଦୟରୁ ହୃଦୟକୁ ସଞ୍ଚରିଯିବାର ଯାତ୍ରାରେ ଜାତି, ବର୍ଗ, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ଆଦି ସବୁକିଛିର ବନ୍ଧନ ହେଇଯାଏ ମୂଲ୍ୟହୀନ। ପ୍ରେମ ନିୟମ ଭାଙ୍ଗେ। ଯୁଗଯୁଗରୁ କଳଙ୍କି ଲଗା ସାମାଜିକ ବିଧାନ ବିରୁଦ୍ଧରେ ପ୍ରତିଷ୍ଠା ଦିଏ ହୃଦୟାବେଗର। ପରମ୍ପରିକ ମାନସିକତା, ବଂଶ ଆଭିଜାତ୍ୟ ଓ ରଢ଼ିବାଦୀ କୌଳୀନ୍ୟତା ବିରୁଦ୍ଧରେ ପ୍ରେମର ଯୁଦ୍ଧ ଘୋଷାଣା ଆଜି ନୁହେଁ, କୋଉ ଅନାଦିକାଳରୁ। ତେବେ ପ୍ରେମର ଆକର୍ଷଣ ଯେତେବେଳେ ନାରୀ-ପୁରୁଷର ବୈପରୀତ୍ୟ ଆକର୍ଷଣରୁ ଆଉ ପାଦେ ଆଗକୁ ଯାଇ, ପୁରୁଷଟିଏ ପୁରୁଷପ୍ରତି ଓ ନାରୀଟିଏ ନାରୀପ୍ରତି ଆକର୍ଷିତ ହୁଏ ତାହାକୁ ସମକାମିତା ବୋଲି କୁହାଯାଏ, ଏହି ସମକାମିତା ପ୍ରେମକୁ ନେଇ ସମାଜରେ ଦେଖାଦେଇଛି ଗ୍ରହଣଶୀଳତାର ଦ୍ୱନ୍ଦ୍ୱ। କେଉଁଠି ପ୍ରେମ ହୋଇଉଠିଛି ଏକାବେଳକେ ଅବୈଧ ତ କେଉଁଠି ଅସାମାଜିକ। କିନ୍ତୁ ସମକାମିତା ଅପରାଧ ନୁହେଁ। ଅସ୍ୱାଭାବିକ ନୁହେଁ। କୌଣସି ମାନସିକ ରୋଗ ମଧ୍ୟ ନୁହେଁ। କେବଳ ଏକ ବହୁପ୍ରଚଳିତ ନାରୀ-ପୁରୁଷ ପ୍ରେମ ପରମ୍ପରାରୁ ଟିକିଏ ଭିନ୍ନ ଏହାର ଆବେଦନ ଓ ଟିକିଏ ଆକର୍ଷଣୀୟ ଏହାର ପ୍ରେମଗଳ୍ପ। ପୁଣି ସମକାମିତା ପ୍ରସଙ୍ଗକୁ ଜାଣିବାର ଓ ବୁଝିବାର ଆଗ୍ରହ ଓ କୌତୁହଳ ମଧ୍ୟ ଅନେକ। ତେଣୁ ସମାଜ, ପାରିପାର୍ଶ୍ୱିକ ପରିସ୍ଥିତି ଓ ସମକାମୀଙ୍କର ମାନସିକ ସ୍ଥିତାବସ୍ଥାକୁ ଅନୁଧ୍ୟାନ କରିବାର ଓ ପ୍ରେମର ସୀମାହୀନତାକୁ ସାହିତ୍ୟିକ ନ୍ୟାୟ ଦେବାର କର୍ତ୍ତବ୍ୟବୋଧ ପ୍ରତିଫଳିତ ହୋଇଛି ସାହିତ୍ୟରେ।

ଓଡ଼ିଆ ଭାଷାରେ ସମକାମିତାକୁ ଆଧାର କରି କିଛି କିଛି କବିତା, ଗଳ୍ପ ଓ ଉପନ୍ୟାସ ଲେଖା ହୋଇଥିବାର ଦେଖିବାକୁ ମିଳେ। ପରିମାଣରେ ସ୍ୱଳ୍ପ ହେଲେହେଁ ସାମୟିକ ଆବେଦନ ଓ ଗୁଣାତ୍ମକତା ଦୃଷ୍ଟିରୁ ଏସବୁର ଆଲୋଚନା କରାଯିବା ଉଚିତ୍ !

ବିଶେଷ କରି ଉପନ୍ୟାସର ବିସ୍ତୃତ କାନଭାସ୍‌ରେ ସମକାମିତାର ଚିତ୍ରାୟନ କିଭଳି ଘଟିଛି ଲକ୍ଷ୍ୟ କରିବାର କଥା! କାରଣ ଆମେ ଜାଣୁ ସାହିତ୍ୟର ଅନ୍ୟ ବିଭାଗ ଅପେକ୍ଷା ଉପନ୍ୟାସରେ ଲେଖକକୁ ମିଳିଥାଏ ଯଥେଷ୍ଟ ସ୍ୱାଧୀନତା। ଉପନ୍ୟାସରେ ଥାଏ ଏକ ଦୀର୍ଘ କାଳପରିଧିର କାହାଣୀକୁ ଧରି ରଖିବାର ସାମର୍ଥ୍ୟ। ତେଣୁ ଏକକାଳୀନ ଅନେକ ଘଟଣା, ଚରିତ୍ର ଓ ସ୍ଥାନ,କାଳର ସମନ୍ୱୟ ଘଟେ ଉପନ୍ୟାସରେ। ଏ ସବୁକିଛିକୁ ଗୋଟିଏ ଅନ୍ତଃପ୍ରବାହରେ ଭସେଇ ନେଇ ବିଷୟକୁ ପରିଣତାଭିମୁଖୀ କରାଏ ଉପନ୍ୟାସ। ତେଣୁ ଅନ୍ୟ ବିଭାଗ ଅପେକ୍ଷା ଉପନ୍ୟାସରେ ବିଷୟ ବିନ୍ୟାସ ବହୁ ପାର୍ଶ୍ୱିକ, ବହୁ ସମସ୍ୟା କେନ୍ଦ୍ରିତ ଓ ବିଶେଷ ବିସ୍ତୃତ ହୋଇପାରିବାର ସମ୍ଭାବନା ଅଧିକ। ଓଡ଼ିଆ ଉପନ୍ୟାସରେ ସମକାମିତା ପ୍ରସଙ୍ଗକୁ ଅବଲୋକନ କଲେ ଯେଉଁ ହାତଗଣତି କେତୋଟି ଉପନ୍ୟାସ ପାଠକୀୟ ଦୃଷ୍ଟି ଆକର୍ଷଣ କରେ ସେଗୁଡ଼ିକ ହେଲା - ଚନ୍ଦ୍ରମଣି ଦାସଙ୍କର 'ହାଇଫେନ'(୧୯୩୬), ମହାପାତ୍ର ଯତୀନ୍ଦ୍ର କୁମାରଙ୍କର 'ଅଭିନୟ ନୁହେଁ'(୧୯୭୨), ଦିନନାଥ ପାଠୀଙ୍କର 'ରୂପ ରଙ୍ଗ ଅନଙ୍ଗ'(୨୦୧୦), ଅକ୍ଷୟ ମହାନ୍ତିଙ୍କର 'ଅଫେରା ନଈ'(୨୦୧୧), ସରୋଜିନୀ ସାହୁଙ୍କର 'ଅସାମାଜିକ'(୨୦୧୧), ସହଦେବ ସାହୁଙ୍କର 'ଅଦୃଶ୍ୟ ଅସ୍ତିତ୍ୱ'(୨୦୧୬), ଶୁଭ୍ରାଂଶୁ ପଣ୍ଡାଙ୍କ 'ଇତର'(୨୦୨୧), ତାପସ ରାଉତଙ୍କ 'ବିଦାୟ ବେଳାର ସୂର୍ଯ୍ୟ'(୨୦୨୨) ଓ ନର୍ମଦା ସାହୁଙ୍କର 'ଦୀପିୟା'(୨୦୨୨) ଉପନ୍ୟାସ।

**<u>ହାଇଫେନ୍ (୧୯୩୭):</u>** ଓଡ଼ିଆ ସାହିତ୍ୟରେ 'ନରବଳୀ' ପରି ଗୋଇନ୍ଦା ଉପନ୍ୟାସର ଲେଖକ ଭାବରେ ଏକଦା ବହୁ ଚର୍ଚ୍ଚିତ ପ୍ରତିଭା ହେଲେ ଚନ୍ଦ୍ରମଣି ଦାସ। ଓଡ଼ିଆ ଉପନ୍ୟାସ ସାହିତ୍ୟ ଯେତେବେଳେ ଶୈଶବ ଅତିକ୍ରମ କରି କୈଶୋରରେ ପଦାର୍ପଣ କରେ ସେତେବେଳେ ଏହାକୁ ଜନାଭିମୁଖୀ କରିବାରେ ଚନ୍ଦ୍ରମଣିଙ୍କ ପରି ଲେଖକମାନଙ୍କ ଭୂମିକା ସର୍ବାଦୌ ସ୍ମରଣୀୟ। ତାଙ୍କର ବହୁ ଚର୍ଚ୍ଚିତ ବହି ହେଉଛି ସମକାମିତା ଉପରେ ଆଧାରିତ ଏକ ଛୋଟ ଉପନ୍ୟାସ "ହାଇଫେନ୍"। ୧୯୩୭ ମସିହାରେ କଟକର ଶ୍ରୀ ପ୍ରେସ୍‌ରୁ ପ୍ରକାଶ ପାଇଥିଲା। ତତ୍ ସହିତ ସେହି ବର୍ଷ 'ପ୍ରଗତି' ପତ୍ରିକାର ପ୍ରଥମ ବର୍ଷ ପ୍ରଥମ ସଂଖ୍ୟା ( ଜୁଲାଇ ୧୫, ୧୯୩୭) ରେ ଦୁଇଟି ଚର୍ଚ୍ଚିତ ଉପନ୍ୟାସର ବିଜ୍ଞାପନ ପ୍ରକାଶ ପାଏ। ଗୋଟାଏ ସଚ୍ଚିଦାନନ୍ଦ ରାଉରାୟଙ୍କ 'ଚିତ୍ରଗ୍ରୀବ' ଓ ଅନ୍ୟଟି ଚନ୍ଦ୍ରମଣି ଦାସଙ୍କ 'ହାଇଫେନ' କୁ ନେଇ। କଥାବସ୍ତୁର ନୂତନତ୍ୱ ନେଇ ଏ ଦୁଇଟି ଉପନ୍ୟାସ ଥିଲା ଓଡ଼ିଆ ସାହିତ୍ୟ ପାଇଁ ଯଥାର୍ଥରେ ପ୍ରାଥମିକ ପ୍ରୟାସ। ଗୋଟିଏ ନାରୀ ଚରିତ୍ର ବିହୀନ ପ୍ରଥମ ଉପନ୍ୟାସ ତ ଆରଟି ପୁରୁଷ ସମକାମିତା ଆଧାରିତ ପ୍ରଥମ ଉପନ୍ୟାସ।

ହାଇଫେନକୁ ନେଇ ପ୍ରକାଶିତ ଏହି ବିଜ୍ଞାପନରୁ ହିଁ ହାଇଫେନର କଥାବସ୍ତୁ ପ୍ରତି କିପରି ଇଙ୍ଗିତ ଦିଆଯାଇଥିଲା ଲକ୍ଷ୍ୟ କରିବାର କଥା। ବିଜ୍ଞାପନଟି ଏହିପରି - " ଯୁଗାନ୍ତକାରୀ ଅବଦାନ 'ହାଇଫେନ୍'(ବଡ଼ଗଳ୍ପ)। ମୂଲ୍ୟ-ଚାରିଅଣା, ଲେଖକ-ଚନ୍ଦ୍ରମଣି ଦାସ। ପୁରୁଷର ପ୍ରିୟା କିଏ ନାରୀ ନା ପୁରୁଷ? ଶିକ୍ଷିତ ସମାଜର ସବୁ ଭିତରି କଥା ଧରା ପଡ଼ିଲା।"

ଏହି ବିଜ୍ଞାପନରେ ନିହିତ ଇଙ୍ଗିତଟିକୁ ସ୍ପଷ୍ଟ କରିବାକୁ ଯାଇ ଆଲୋଚକ ଗୋବିନ୍ଦ ଚନ୍ଦ୍ର ଚାନ୍ଦ କହନ୍ତି - "ଏହି ବିଜ୍ଞାପନର ଆଉ ଏକ ଦିଗକୁ ଆବିଷ୍କାର କରାଯାଇପାରେ। ଶିକ୍ଷିତ ସମାଜର ଏକ ଭିତିରି କଥାକୁ ନେଇ ଏହିପରି ଲେଖାର ପରିକଳ୍ପନା କରିଛନ୍ତି ଲେଖକ। ଶିକ୍ଷିତ ସମାଜରେ ସମକାମିତାକୁ ଲକ୍ଷ୍ୟ କରିଛନ୍ତି ଏବଂ ଏହାକୁ ବିଷୟବସ୍ତୁ କରିବାର ସାହସ କରିଛନ୍ତି ଲେଖକ।" ( ଭାରତୀୟ ସାହିତ୍ୟ ସ୍ରଷ୍ଟା ଗ୍ରନ୍ଥମାଳା - ଚନ୍ଦ୍ରମଣି ଦାସ, ଗୋବିନ୍ଦ ଚନ୍ଦ୍ର ଚାନ୍ଦ - ପୃଷ୍ଠା ୪୨ )

ଏହି ଉପନ୍ୟାସ ଲେଖିଲା ବେଳେ ଲେଖକଙ୍କ ବୟସ ମାତ୍ର ୧୯ ବର୍ଷ ଓ ଏହା ତାଙ୍କର ପ୍ରଥମ ଉପନ୍ୟାସ ହୋଇ ସୁଦ୍ଧା ବିଷୟବସ୍ତୁର ଭିନ୍ନତା ଯୋଗୁଁ ଏହା ଚର୍ଚ୍ଚାର ବିଷୟ ପାଲଟେ। ଓଡ଼ିଆ ବୁଦ୍ଧିଜିବୀ ମହଲରେ ଏହାର ଶ୍ଳୀଳତା ଓ ଅଶ୍ଳୀଳତାକୁ ନେଇ ବିତର୍କର ସୂତ୍ରପାତ ଘଟେ ଓ ଦେଖାଦିଏ ଗ୍ରହଣଶୀଳତାର ଦ୍ୱନ୍ଦ। ଫଳସ୍ୱରୂପ ଆଜି ଏହି ବହିଟି ଓଡ଼ିଆ ସାହିତ୍ୟ ପାଇଁ ନିଷିଦ୍ଧ। ଏହାର ବିଷବସ୍ତୁ କଣ ଜାଣିବାର କୌତୁହଳରୁ ଓଡ଼ିଶାର ପାଠକକୁ ବଞ୍ଚିତ କରି, ଏହାକୁ ଅଶ୍ଳୀଳ ସାହିତ୍ୟର ଆଖ୍ୟା ଦିଆଯାଇ ୧୯୩୯ରେ କେଶ୍ କରାଯିବା ସହ ଏହାର ବିକ୍ରୟ ନିଷିଦ୍ଧ କରାଯାଏ। ସରକାରଙ୍କ ତରଫରୁ ଏଥିରେ ସାମିଲ ହୁଅନ୍ତି ଗୋପାଳଚନ୍ଦ୍ର ପ୍ରହରାଜ, ଭିକାରୀ ଚରଣ ପଟ୍ଟନାୟକ, ଆର୍ତ୍ତବଲ୍ଲଭ ମହାନ୍ତି ଆଦି ମହାରଥଗଣ। ଆଉ ମୁଦାଲାଙ୍କ ତରଫରୁ କେଶ୍ ଲଢ଼ନ୍ତି ସୁଖ୍ୟାତ ଆଇନଜୀବୀ ରାଜକିଶୋର ଦାସ ସୁସାହିତ୍ୟିକ ମାଜିଷ୍ଟ୍ରେଟ୍ ଭରତ ଚନ୍ଦ୍ର ନାୟକଙ୍କ ଇଜଲାସରେ ବାଦୀ ପ୍ରତିବାଦୀଙ୍କ ମଧ୍ୟରେ ଶ୍ଳୀଳ ଓ ଅଶ୍ଳୀଳ ପ୍ରସଙ୍ଗକୁ ନେଇ ଭୀଷଣ ଯୁକ୍ତିତର୍କ ହୁଏ। ସମଗ୍ର ଓଡ଼ିଶାରେ ଏହା ଏକ ଚର୍ଚ୍ଚିତ ପ୍ରସଙ୍ଗ ରୂପେ ଉଭା ହୁଏ। ନ୍ୟାୟାଳୟ ଦ୍ୱାରା ନିଷିଦ୍ଧ ଘୋଷିତ ସମଲିଙ୍ଗୀ ସମ୍ପର୍କ ଆଧାରିତ ସର୍ବପ୍ରଥମ ଓଡ଼ିଆ ଉପନ୍ୟାସଏଟି ଆଜି ବଜାରରେ ଉପଲବ୍ଧ ନାହିଁ।

ଏହି ଦୁଷ୍ପ୍ରାପ୍ୟ ପ୍ରାୟ ଉପନ୍ୟାସ 'ହାଇଫେନ୍'ର ବିଷବସ୍ତୁ କଣ ରହିଛି ଓ ଲେଖକ ସମକାମି ସମ୍ପର୍କକୁ କେଉଁ ଦୃଷ୍ଟିକୋଣରୁ ବିଚାର କରି ଏପରି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ନିଜର ପ୍ରଥମ ଉପନ୍ୟାସ ରଚନା କରିବାର

ସାହାସ ଦେଖାଇଛନ୍ତି ତାହା ଜାଣିବାର ଅବକାଶ ନାହିଁ। ଏ ଉପନ୍ୟାସ ସମ୍ପର୍କରେ ପୁଣି ଆଲୋଚନା ଗୌଣ। ଏପରିକି ଅନେକ ପୁସ୍ତକରେ ଚନ୍ଦ୍ରମଣି ଦାସ ଏପରି ଏକ ଉପନ୍ୟାସ ଲେଖିଥିବାର ସୂଚନା ସୁଦ୍ଧା ନାହିଁ। ଅଧିକାଂଶ ଆଲୋଚକ ୧୯୩୯ ରେ ପ୍ରକାଶିତ ଲେଖକଙ୍କ ଦ୍ୱିତୀୟ ଉପନ୍ୟାସ 'ପଲ୍ଲୀରେଣୁ' କୁ ହିଁ ତାଙ୍କର ପ୍ରଥମ ଉପନ୍ୟାସ ବୋଲି ମାନି ନେଇଛନ୍ତି। ଏପରି ଅବସ୍ଥାରେ ଯତ୍ କିଞ୍ଚିତ ଆଲୋଚନା ମାଧ୍ୟମରେ ଉପନ୍ୟାସଟିର ବିଷୟବସ୍ତୁର ଯେଉଁ ସ୍ୱଳ୍ପ ବିବରଣୀ ରହିଛି ତାହାକୁ ଗ୍ରହଣ କରିନେବାକୁ ହେବ।

୧୯୮୭ ମସିହାରେ 'ଏଷଣା' ପତ୍ରିକାର ଜୁନ୍ ସଂଖ୍ୟାରେ ଡକ୍ଟର କୃଷ୍ଣ ଚରଣ ବେହେରାଙ୍କର 'ସାହିତ୍ୟରେ ନିଷିଦ୍ଧ ଫଳ' ଶୀର୍ଷକରେ ଏକ ଆଲୋଚନା ପ୍ରକାଶ ପାଏ। ଏହି ଆଲୋଚନାରେ ସେ ବିଶ୍ୱର ବିବିଧ ଭାଷାର ସାହିତ୍ୟରେ ବିଭିନ୍ନ କାରଣରୁ କିପରି କେତେକ ସାହିତ୍ୟ କୃତି ନିଷିଦ୍ଧ ଘୋଷଣା ହୋଇଚି ସେ ସମ୍ପର୍କରେ ଆଲୋଚନା କରିଛନ୍ତି। ପ୍ରସଙ୍ଗ କ୍ରମେ ଓଡ଼ିଆ ସାହିତ୍ୟରେ ନିଷିଦ୍ଧ ଘୋଷିତ ହାଇଫେନ୍ ଉପନ୍ୟାସ ସମ୍ପର୍କରେ ମଧ୍ୟ ଏଥିରେ ଆଲୋଚନା କରାଯାଇଛି। ଏହି ଆଲୋଚନାଟିରେ ଉପନ୍ୟାସଟିର ବିଷୟବସ୍ତୁ ସମ୍ପର୍କରେ ସୂଚନା ମିଳେ - 'ହାଇଫେନ୍' ସେହିପରି ଏକ ସମକାମୀ ତ୍ରିଭୁଜ ପ୍ରେମ-କାହାଣୀ। ସରଳ ନାମଧେୟ ଜଣେ ସୁଦୃଶ୍ୟ ତରୁଣ ସହିତ ଶଶି ଓ ନିର୍ମଳ ନାମଧେୟ ଦୁଇଜଣ ଯୁବକଙ୍କର ଦୈହିକ ଆକର୍ଷଣ ଏବଂ ତଜ୍ଜନିତ ପାରସ୍ପରିକ ଈର୍ଷା, ଦ୍ୱନ୍ଦ୍ୱ ଏଥିରେ ସୁନ୍ଦର ସଂଯତ ଭାବରେ ବର୍ଣିତ ହୋଇଛି। ବର୍ଣନାରେ ନଗ୍ନତା ଓ ଇତରତା କୁତ୍ରାପି ପରିଲକ୍ଷିତ ହୁଏ ନାହିଁ। ବରଂ ସୁନ୍ଦର ସୁଗଠିତ ତରୁଣ-ଦେହର ଆକର୍ଷଣ, ତଜ୍ଜନିତ ଭାବାବେଗ ପାଠକ ଚିତ୍ତକୁ ସ୍ପନ୍ଦନାୟିତ କରିଥାଏ। ସର୍ବୋପରି, ଦୈହିକ ଜାନ୍ତବ କ୍ଷୁଧା ଜାଗରୁକ କରିବା କାହାଣୀଟିର ଉଦ୍ଦେଶ୍ୟ ନୁହେଁ। ଲେଖକଙ୍କ ଭାଷାରେ– "ନିର୍ମଳ ଓ ତା'ର ସଂଗୀମାନେ ଯେ ସରଳର ସର୍ବନାଶ କରୁଛନ୍ତି, ସେକଥା ସରଳ ଆଦୌ ବୁଝି ପାରିଲା ନାହିଁ। କ୍ଷଣିକ ସ୍ନେହ, ଆଦର ଓ ସାମାନ୍ୟ ଜିନିଷର ଉପହାରରେ ଏକାବେଳେକେ ଭୁଲିଗଲା ତା'ର ମାନବ ଜୀବନର ଉଦ୍ଦେଶ୍ୟ।( ଏଷଣା, ଜୁନ୍, ୧୯୮୭, ପୃ. ୩୮)

**ଅଭିନୟ ନୁହେଁ (୧୯୭୨):** ମହାପାତ୍ର ଯତୀନ୍ଦ୍ର କୁମାରଙ୍କଦ୍ୱାରା ରଚିତ 'ଅଭିନୟ ନୁହେଁ' ଉପନ୍ୟାସଟି ୧୯୭୨ରେ ପୁସ୍ତକରୂପ ଲାଭ କରେ। ଏ ଉପନ୍ୟାସରେ ସମୁଦାୟ ୩ଟି ପରିଚ୍ଛେଦ ଓ ପ୍ରତିଟି ପରିଚ୍ଛେଦକୁ ଅଙ୍କ ବୋଲି ନାମିତି କରାଯାଇଛି। ୩ଟି ଅଙ୍କରେ କଥାଭୂମିର ମଞ୍ଚକୁ ଆସିଛନ୍ତି ୨ଟି ଚରିତ୍ର( ମଞ୍ଜୁ ଓ ସୁମନ୍ତ) ଓ ଯଥାକ୍ରମେ ସେମାନଙ୍କ ଜୀବନାନୁଭୂତିର କାହାଣୀ ଶୁଣାଇଛନ୍ତି ପାଠକକୁ। ଅଭିନେତ୍ରୀ ମଞ୍ଜୁ ଆଉ ସୁମନ୍ତର ପ୍ରେମକାହାଣୀକୁ କେନ୍ଦ୍ର କରି ଉପନ୍ୟାସର ବିଷୟ ବିନ୍ୟାସ। ମାତ୍ର ଏ ପ୍ରେମକାହାଣୀରେ ଅଭିନେତ୍ରୀ ଝରଣାର ମଞ୍ଜୁ ସହିତ ଗଢ଼ିଉଠିଥିବା ଏକ ରାତିର ଯୌନ ସମ୍ପର୍କ ଏକ ନାଟକୀୟ ଦ୍ୱନ୍ଦ୍ୱ ତିଆରି କରିଛି।

ମଞ୍ଜୁ ନୂଆକରି ଏକ ନାଟଦଳରେ ଯୋଗଦେଇଥାଏ, ଯେଉଁ ଦଳର ନାୟିକା ଝରଣା ବହୁ ଚର୍ଚ୍ଚିତା। ରିହେଲସେଲ୍ ସମୟରେ ମଞ୍ଜୁର ସୁମନ୍ତ ସହ ଦେଖାହୁଏ ଓ ହୃଦୟରେ ସୁମନ୍ତ ପ୍ରତି ଦୁର୍ବଳତା ତିଆରିହୁଏ। ମାତ୍ର ରିହେଲସେଲ୍ ସରିଲାପରେ ରାତିରେ ମଞ୍ଜୁ ଓ ଝରଣା ଗୋଟିଏ ରୁମ୍ରେ ରହଣୀ ସମୟରେ ଝରଣାର ସ୍ନାନ ପରେ ଉଲଗ୍ନ ହୋଇ ମଞ୍ଜୁ ସାମ୍ନାକୁ ଆସିବା, ମଞ୍ଜୁକୁ ଝରଣା ପିଠିରେ ପାଉଡ଼ର ବୋଳିବାକୁ ଆଦେଶ ଦେବା, ଏ ସବୁ ଭିତରେ ମଞ୍ଜୁ ଅନୁଭବ କରିଛି ଏକ ଅଦ୍ଭୁତ ଶିହରଣ। ତେଣୁ ଉପନ୍ୟାସ ପ୍ରଥମ ଅଙ୍କରେ ମଞ୍ଜୁ କହିଛି – "ସେ ଯାହା ଚାହିଁଥିଲା ସେଇଆ ମୋତେ କରିବାକୁ ହେଲା। ଅନିର୍ବାଚନୀୟ ଅଦ୍ଭୁତପୂର୍ବ ସେଇ ଅନୁଭୂତି। ନୂତନ ଏକ ସ୍ୱାଦ, ନୂତନ ଏକ ଉଚ୍ଚାଟନ। ମୁଁ ପ୍ରତିବିମ୍ବକୁ ଚାହୁଁଥିଲି ବାରମ୍ବାର। ମୋ ଲମ୍ବା ଗୋରା ସରୁ ସରୁ ଆଙ୍ଗୁଳିର ନେଲ୍-ପଲିସ୍-କରା ଅଗ୍ନି-ବର୍ଣ୍ଣ ନଖସବୁ ଯେପରିକି ଏକ ପାଶବିକ ଆହ୍ୱାନର ପ୍ରତ୍ୟୁତ୍ତର ଦେବାପାଇଁ ଚଞ୍ଚଳ ହୋଇଉଠିଥିଲେ ।" (ପୃ- ୨୭)

ଝରଣା ଭଲପାଇଛି ମଞ୍ଜୁକୁ। ମଞ୍ଜୁକୁ ନିଜର କରିବାକୁ ପ୍ରକାଶ କରିଛି ନିଜ ଭିତରର ଆତୁରତା। ଅଭିନୟର ଜୀବନରେ କେତେକେତେ ପୁରୁଷଙ୍କ ଛଳନାର ଶିକାର ହେଇ ଶେଷରେ ସେ ଆଶ୍ରୟ ଖୋଜିଛି ନାରୀଟିଏର। ପୁରୁଷ ଆଉ ତା'ର କାମ୍ୟ ନୁହେଁ; କାହାର କୁଳବଧୂ ହୋଇ ଯୌବନରେ 'ସ୍ୱାମୀ' ନାମକ ପୁରୁଷର ଆଉ ବାର୍ଦ୍ଧକ୍ୟରେ 'ସନ୍ତାନ' ନାମଧେୟ ଆଉଜଣେ ପୁରୁଷର ଅଧିନସ୍ଥ ହୋଇ ରହିବାର ପୁରାତନ ସଂସ୍କାରକୁ ଅସ୍ୱୀକାର କରିଛି ଝରଣା। ତେଣୁ ମଞ୍ଜୁ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଝରଣା କହିଛି - "ଜଣେ ଚିର-କୁମାରୀ ରହିବାକୁ ଚାହିଁଲେ ବି, ତା'ର ଦେହ ଅଛି ଆଉ ରହିଚି ଦେହର ଦହନ..."ଏଇଆ କହିବୁ ତ? କିନ୍ତୁ ମଞ୍ଜୁ, ନାରୀ ଦେହର ସେଇ ଦାବୀ ଜଣେ ନାରୀ ମଧ୍ୟ ପୂରଣ କରିପାରେ।'

ଝରଣା ଦେହର ଦାବୀ ପୂରଣ କରିଛି ମଞ୍ଜୁ। ହ୍ୱିସ୍କି ନିଶାରେ ମାତାଲ୍ ହୋଇ ଉଠିଛନ୍ତି ଦୁଇ ନାରୀ। ମାତ୍ର ସକାଳକୁ ମଞ୍ଜୁ ସାମ୍ନାରେ ପୁଣି ଆସି ଛିଡ଼ାହେଇଛି ତା'ର ବାଞ୍ଛିତ ପୁରୁଷ ସୁମନ୍ତ। ନାରୀ-ନାରୀ ପ୍ରେମ ହୋଇଉଠିଛି ଅପ୍ରାକୃତିକ।

ଏଇଠୁ କାହାଣୀ ନେଇଛି ଭିନ୍ନ ମୋଡ଼। ମାତ୍ର ମଞ୍ଜୁ ଚରିତ୍ରଟିର ବିକାଶରେ ଓ କାହାଣୀରେ ନାଟକୀୟତା ଭରିବାରେ ଝରଣା ଓ ଝରଣାସହ ମଞ୍ଜୁର ଯୌନସମ୍ପର୍କ ନିର୍ବାହ କରିଛି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା। ଝରଣା ଚରିତ୍ରଟି ମାଧ୍ୟମରେ ଔପନ୍ୟାସିକ ସମଲିଙ୍ଗୀ ସମ୍ପର୍କକୁ ଯେପରି ଦୃଢ଼ତାର ସହିତ ଉପସ୍ଥାପନ କରିଥିଲେ ମଞ୍ଜୁ ଓ ସୁମନ୍ତର ଆଖିରେ ଏହାକୁ Unnatural କହି ପୁଣି ସେହିପରି ଦୁର୍ବଳ କରିପକେଇଛନ୍ତି ।

**ରୂପ ରଙ୍ଗ ଅନଙ୍ଗ (୨୦୧୦):** ଓଡ଼ିଶାର ସ୍ୱନାମ ପ୍ରସିଦ୍ଧ ଲେଖକ, ଚିତ୍ରଶିଳ୍ପୀ ତଥା ଚିତ୍ରଶିଳ୍ପ ଗବେଷକ ଦିନନାଥ ପାଠୀଙ୍କର ସପ୍ତମ ଉପନ୍ୟାସ 'ରୂପ ରଙ୍ଗ ଅନଙ୍ଗ'ରେ ଯୌନତା ଓ ଯୌନାଚାରର ମୁକ୍ତ ବିମର୍ଷ ଲକ୍ଷ୍ୟକରାଯାଏ। ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦର୍ଶନ, ପରଂପରା, ସାହିତ୍ୟ, ଚିତ୍ରକଳା, ଇତିହାସ ଓ ସାମାଜିକ ବିଧିବ୍ୟବସ୍ଥାରେ ପରିପାଳିତ ଯୌନତାର ବହୁବିଧ ପ୍ରକାର୍ଯ୍ୟର ଚର୍ଚ୍ଚା ଭିତରଦେଇ ସମଲିଙ୍ଗୀ ପ୍ରେମ ସମ୍ପର୍କ(ଗେ ଓ ଲେସବିଆନ୍)ର କଥା ପ୍ରତିଫଳିତ ହୋଇଛି ଏହି ଉପନ୍ୟାସଟିରେ।

ଉପନ୍ୟାସର କେନ୍ଦ୍ରୀୟ ଚରିତ୍ର 'ରୂପାନନ୍ଦ' ଜଣେ ଚିତ୍ରଶିଳ୍ପୀ ଓ ଗବେଷକ। ସ୍ୱେଜରଲ୍ୟାଣ୍ଡର ଜୁରିକ୍ ହ୍ରଦ ଉପକୂଳରେ ଥିବା କୁନ୍-ଷ୍ଟ ସଂଗ୍ରାହାଳୟରେ ଆୟୋଜିତ ଭାରତୀୟ କାମକ୍ରୀଡ଼ା ଓ ବିଶେଷକରି ଅମରୁଶତକର ତାଳପତ୍ର ପୋଥିଚିତ୍ର ଉପରେ ଆଧାରିତ ପ୍ରଦର୍ଶନୀର ସେ ମୁଖ୍ୟ ବକ୍ତା। ଓଡ଼ିଶାର ଶରଣକୂଳ ଗ୍ରାମର ଚିତ୍ରକର ମାନଙ୍କଦ୍ୱାରା ଆମରୁଶତକର ପୋଥିଗୁଡ଼ିକରେ ଉତ୍କୀର୍ଣ୍ଣ କାମକ୍ରୀଡ଼ାର ଚିତ୍ର ଓ ଏହାର ମହତ୍ତ୍ୱ ସମ୍ପର୍କରେ ସୁଇସ୍-ବାସୀଙ୍କୁ ଅବଗତ କରାଇବାର ଦାୟିତ୍ୱ ନେଇଥିବା ରୂପାନନ୍ଦଙ୍କ ମାଧ୍ୟମରେ ପ୍ରାଚ୍ୟ ଯୌନାଭ୍ୟାସର ପରମ୍ପରା, କାମଶାସ୍ତ୍ର, ରତୀବନ୍ଧ, ଚିତ୍ରପୋଥି, ଗୀତଗୋବିନ୍ଦ, ଅମରୁଶତକ ପରି ଶୃଙ୍ଗାର କାବ୍ୟ ଆଦିର ତାତ୍ତ୍ୱିକ ବ୍ୟାଖ୍ୟାନ ଘଟିଛି ଏହି ଉପନ୍ୟାସରେ। ତତ୍ ସହିତ ଯୌନତା ପ୍ରତି ପାଶ୍ଚାତ୍ୟ ଲୋକଙ୍କର ଭାବଧାରାର ଓ ଭାରତୀୟ ଯୌନାଚାର ସହିତ ପାଶ୍ଚାତ୍ୟ ଯୌନାଚାରର ତର୍କଣା ଆଦିର ଅବତାରଣା ଉପନ୍ୟାସଟିକୁ ଯୌନତତ୍ତ୍ୱ ଓ ଦର୍ଶନରେ ରସାଣିତ କରିଛି। ବୋଧହୁଏ ଯୌନତାର ବହୁବିଧ ତଥ୍ୟ ସମ୍ବନ୍ଧିତ ବିଷୟକୁ ଆଧାରକରି ଓଡ଼ିଆ ଉପନ୍ୟାସ ରଚନା କ୍ଷେତ୍ରରେ ଏହାହିଁ ପ୍ରଥମ ପ୍ରୟାସ।

ତେବେ ପ୍ରସଙ୍ଗକ୍ରମେ ରୂପାନନ୍ଦଙ୍କର ପରିଚୟ ଘଟିଛି ଅନୀତା, ନିକୋଲାସ୍, ଡାଭିଡ୍, ଜନ୍, ଶଶି, ରିହାନ୍ନା, ଏଲିନା, ରାନିଆ ଓ ସାଲିମା ଆଦି ଚରିତ୍ରମାନଙ୍କ ସହିତ। ଏମାନଙ୍କ ମଧ୍ୟରୁ କିଏ ପ୍ରବଳ ଯୌନପିପାସୀ ତ ଆଉ କିଏ ଯୌନବିମୁଖା, କିଏ ପୁରୁଷ ସମକାମୀ ତ କିଏ ନାରୀ ସମକାମୀ। ଏହି ଚରିତ୍ରମାନେ କେବଳ ବିବିଧ ଯୌନତାର ପ୍ରତିନିଧି ନୁହନ୍ତି ବରଂ ଯୌନତା ପ୍ରତି ଥିବା ପାରମ୍ପରିକ ବା ବନ୍ଧନୀଭୁକ୍ତ ଚିନ୍ତାଚେତନାର ପ୍ରତିସ୍ପର୍ଦ୍ଧୀ ମଧ୍ୟ। ଏହି ଚରିତ୍ରମାନଙ୍କ ସହିତ ରୂପାନନ୍ଦଙ୍କର ଭାବର ଆଦାନପ୍ରଦାନ ମାଧ୍ୟମରେ ଯୌନତାର ଏକ ପରେ ଏକ ବୈଚିତ୍ର୍ୟ ଉନ୍ମଚିତ ହୋଇଚାଲିଛି ପାଠକମାନଙ୍କ ସମ୍ମୁଖରେ।

ରୂପାନନ୍ଦ ଜୁରିକ୍-ବାସୀଙ୍କ ସହ ବିତେଇଥିବା ପାଞ୍ଚଟି ସ୍ମରଣୀୟ ସନ୍ଧ୍ୟାର କାଳ-ପରିଧିରେ ଉପନ୍ୟାସର କଥାବସ୍ତୁ ଗତିଶୀଳ। ପ୍ରଥମ ଦୁଇଟି ସନ୍ଧ୍ୟା ଅତିବାହିତ ହୋଇଛି କୁନ୍ଷ୍ଟ୍ ସଂଗ୍ରହାଳୟରେ ଅମରୁଶତକର ପୋଥିଚିତ୍ର ପ୍ରଦର୍ଶନୀ ଓ ତତ୍ସମ୍ପର୍କୀୟ ଚିତ୍ରଭାଷ୍ୟ ଗ୍ରନ୍ଥ 'ଆମରସ୍ ଡିଲାଇଟ୍'ର ଲୋକାର୍ପଣରେ। ପ୍ରାଚୀନ ଭାରତୀୟ ସମାଜ ଓ ସାହିତ୍ୟରେ ଯୌନତାର ମୁକ୍ତ ବିମର୍ଷ ଓ ମହନୀୟତାର ପ୍ରଚାର ଘଟିଛି ଏହି ଦୁଇଟି ସନ୍ଧ୍ୟାରେ। ପରବର୍ତ୍ତୀ ତିନୋଟି ସନ୍ଧ୍ୟାରେ ତିନୋଟି ଭିନ୍ନ ଭିନ୍ନ ସ୍ଥାନରୁ ରୂପାନନ୍ଦଙ୍କୁ ନିମନ୍ତ୍ରଣ ଆସିଛି ଓ ପ୍ରତିଟି ନିମନ୍ତ୍ରଣରେ ରୂପାନନ୍ଦ ଉପଲବ୍ଧ କରିଛନ୍ତି ଯୌନତାର ନୂତନ ପରିଭାଷା; ଯାହା ତାଙ୍କୁ ପ୍ରାଚ୍ୟ ପାରମ୍ପରିକ ଯୌନାଚାର ସହିତ ପାଶ୍ଚାତ୍ୟର ମୁକ୍ତ ଓ ବହୁମୁଖୀ ଯୌନାଚାରର ତର୍କଣା ଓ ବିଶ୍ଳେଷଣ କରିବାର ସୁଯୋଗ ଦେଇଛି। ପ୍ରଥମ ନିମନ୍ତ୍ରଣଟି ଆସିଛି ଅନୀତା ଓ ନିକୋଲାସଙ୍କ ପାଖରୁ। ଅନୀତା ଜଣେ ଭାସ୍କରଶିଳ୍ପୀ ଏବଂ ତାଙ୍କର ବର୍ତ୍ତମାନର ବନ୍ଧୁ ନିକୋଲାସ୍ ଜଣେ ଚିତ୍ରଶିଳ୍ପୀ। ଅନୀତା ନିଜ ପ୍ରଥମ ସ୍ୱାମୀଙ୍କୁ ରତି ବିମୁଖ ଓ ଅପାରଗ କହି ଛାଡ଼ପତ୍ର ଦେଲାପରେ ନିକୋଲାସଙ୍କ ସହ ଦାମ୍ପତ୍ୟର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିଛନ୍ତି। ନିମନ୍ତ୍ରଣର ଦ୍ୱିତୀୟ ସନ୍ଧ୍ୟାଟି ରୂପାନନ୍ଦଙ୍କର ବିତିଛି ଡାଭିଡ୍ ଓ ଜନଙ୍କ ଘରେ। ଡାଭିଡ୍ ଜଣେ ଫେସନ୍ ଡିଜାଇନର ଓ ଜନ୍ ଜଣେ ଇଣ୍ଟିରିଅର୍ ଡେକୋରେଟର୍। ଏମାନେ ଗେ' ଓ ଦୁଇଜଣଙ୍କ ମଧ୍ୟରେ ରହିଛି ସମଲିଙ୍ଗୀ ପ୍ରେମ ସମ୍ପର୍କ। ସେହିପରି ରୂପାନନ୍ଦ ଶେଷ ସନ୍ଧ୍ୟାର ନିମନ୍ତ୍ରଣ ପାଇଛନ୍ତି ରିହାନ୍ନା ଓ ଏଲିନାଙ୍କ ନିକଟରୁ। ରହିନ୍ନା ଓ ଏଲିନା ମଧ୍ୟ ଲେସବିଆନ୍ ଯୁଗଳ।

ରୂପାନନ୍ଦଙ୍କ ଆତିଥେୟତାର ଏହି ତିନୋଟି ପର୍ଯ୍ୟାୟରେ ଆମେ ଭେଟୁ ତିନୋଟି ଅଣପାରମ୍ପରିକ ବ୍ୟକ୍ତିସତ୍ତାଙ୍କୁ। ପ୍ରଥମଟିରେ ଜଣେ ରମଣ ବିଳାସୀ ନାରୀ, ଯିଏକି ରମଣ ସୁଖ ନମିଳିବାରୁ ନିଜର ପୂର୍ବତନ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇଛି; ଦ୍ୱିତୀୟ ଓ ତୃତୀୟରେ ପାରମ୍ପରିକ ବା ବିସମଲିଙ୍ଗୀ(Heter-osexual) ଯୌନାଚାରର ଶୃଙ୍ଖଳକୁ ଅସ୍ୱୀକାର କରୁଥିବା ଦୁଇ ସମଲିଙ୍ଗୀ ଯୁଗଳ ।

ଆମେ ପାରମ୍ପାରିକ ଯୌନାଭ୍ୟାସର ଦ୍ୱାହି ଦେଇ ସମଲିଙ୍ଗୀ ଯୌନାଭ୍ୟାସକୁ ଅପ୍ରାକୃତିକ କହିଲାବେଳେ ପ୍ରକୃତରେ ଯୌନାଭ୍ୟାସ ଭିତରେ ଥିବା ମୂଳ ପ୍ରେମାଭ୍ୟାସଟିକୁ କିଭଳି ଗୌଣ କରିଦେଉଛୁ ଏବଂ ଆନନ୍ଦର ମୂଳଉତ୍ସ ଯେ ପ୍ରେମ, ଦେହ ନୁହେଁ ତାହାକୁ ସମ୍ପୂର୍ଣ୍ଣ ରୂପେ ପାସୋରି ଦେଉଛି ଏ ସମ୍ପର୍କରେ ରୂପାନନ୍ଦଙ୍କର ଉପଲବ୍ଧି ତାଙ୍କୁ ଆଉ ଏକ ପ୍ରାପ୍ତବୟସ୍କ ପାରମ୍ପାରିକ/ ବହୁଜନ ପ୍ରଚଳିତ ବିସମକାମୀ ପ୍ରେମ ପରିସରରେ ଆବଦ୍ଧ କରିପାରିନାହିଁ। ଉପନ୍ୟାସର ଶେଷ ପର୍ଯ୍ୟାୟରେ ଉପଗତ ହେଲାବେଳକୁ ରୂପାନନ୍ଦ ପାରଂପରିକରୁ ଔପନିବେଶୀୟ ଓ ଔପନିବେଶୀୟରୁ ଆଧୁନିକତାର ବାଟ ଧରି ଶେଷରେ ବିଶ୍ୱାୟନମୁଖୀ ଭାବଧାରରେ ଉତ୍ତୀର୍ଣ୍ଣ ହୋଇପାରିଛନ୍ତି। ମଣିଷର ବ୍ୟକ୍ତିସତ୍ତାର ଆବେଦନ ପାଖରେ ଯେ ଲୈଙ୍ଗିକ ଓ ସାମାଜିକ ବନ୍ଧନ ତୁଚ୍ଛ ହୋଇଯାଏ ଓ ପ୍ରେମର

ଆସ୍ୱାଦନ ଯେ ଏକ ଆଧିଭୌତିକ ଉପସ୍ଥିତିର କଥା କହେ ଏହି ଅବବୋଧ ରୂପାନନ୍ଦଙ୍କୁ ଏକ ନୂତନ ଆଲୋକର ସନ୍ଧାନ ଦେଇଛି। ପ୍ରେମର ପରିଭାଷାକୁ ନୂଆକରି ଦେଖିବାର ଅବସର ଯୋଗାଇଛି। ତେଣୁ ରୂପାନନ୍ଦ ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି ଯେ- "ଆନନ୍ଦ ପ୍ରେମଗତ, ଦେହରୁ ଉତ୍ପନ୍ନ ନୁହେଁ। ଦେହ ବନ୍ଧନ ପ୍ରେମବନ୍ଧନ ନୁହେଁ। ବୃତ୍ତିଗତ ଯୌନାଚାରକୁ ପ୍ରେମ ଆଚରଣ କହିବା ପ୍ରମାଦ ହେବ। ଅନଙ୍ଗ ଦେହୋତ୍ତର ପ୍ରେମର ପ୍ରତୀକ। ସ୍ୱାଭାବିକ ଯୌନାଚାର ମାର୍ଗରେ ଗମିଲେ ଆମେ ଦେହୋତ୍ତର ପ୍ରେମରେ ପହଞ୍ଚିପାରିବା। ରମଣଶୀର୍ଷର ଆନନ୍ଦ ଦେହ ଅନୁଭବର ଆନନ୍ଦ ନୁହେଁ, ସେଠି ନା ଥାଏ ଦେହ ସଚେତନତା, ଦେହସଂଭ୍ରମ, ଇନ୍ଦ୍ରିୟାସକ୍ତି, ଲିଙ୍ଗଯୋନିର ଅସ୍ମିତା ବା ଏମିତି ଯେତେ ସବୁ ବାହ୍ୟ ଅନୁଭବ। ରମଣଶୀର୍ଷର ଆନନ୍ଦ ଏକ ଅଲୌକିକ ଅନୁଭବ।" ( ପୃ- ୨୩୭)

ଉପନ୍ୟାସଟିର କଥାବସ୍ତୁ ଶେଷ ପର୍ଯ୍ୟାୟରେ ପହଞ୍ଚିଲାବେଳକୁ ରୂପାନନ୍ଦଙ୍କ ଚେତନାଗତ ପରିବର୍ତ୍ତନ ଘଟିଛି। ପ୍ରେମ ଯେ ବନ୍ଧନହୀନ ଓ ଆନନ୍ଦ ପ୍ରାପ୍ତିହିଁ ପ୍ରେମର ଚରମ ଲକ୍ଷ୍ୟ ଏ ଉପଲବ୍ଧିରେ ଅଭିଭୂତ ହୋଇ ଉଠିଛନ୍ତି ରୂପାନନ୍ଦ। ତେଣୁ ସେ ଆହ୍ୱାନ କରିଛନ୍ତି- "ହେ ମୋର ନାରୀ, ତମେ ନାୟିକା ହୁଅ, ସଖୀ ହୁଅ, ସଖା ବି ହୁଅ, ବା ହେ ମୋର ପୁରୁଷ, ତମେ ମୋର ସଖା ହେଇପାର, ସଖୀ ହେଇପାର ବା ଯେ କୌଣସି ଆନନ୍ଦ ପ୍ରଦାୟିନୀ ସତ୍ତା ହେଇପାର, ଆସ ମୋ ଦେହରେ ଲୀନ ହେଇଯାଅ, ଆମେ ଦୁହେଁ ଏକ ଆନନ୍ଦମୟ ସତ୍ତରେ ଉଦ୍ଭାସିତ ହେଇଯାଉ। ଆମ ଦେହ, ମନ, ସ୍ଥିତି ବିଭେଦଶୂନ୍ୟ ହେଇଯାଉ। ମୁଁ ହି ବିସମକାମୀ, ସମକାମୀ, ଲେସବିୟାନ୍, ଗେ'ଙ୍କ ଭିତରେ ମାନବୀୟ ସତ୍ତା, ମଣିଷ। ଏଣୁ ଆନନ୍ଦ ପ୍ରାପ୍ତିପାଇଁ ସବୁକିଛି ତ୍ୟାଗ କରିବାକୁ ତିଆର: ସମାଜ, ପରିବାର, ପ୍ରତିଷ୍ଠା, ଅର୍ଥ, ସୁବର୍ଣ୍ଣର ଲଙ୍କା ଓ ଶେଷରେ ଦେହ ମଧ୍ୟ।" (ପୃ- ୨୩୮) ଆନନ୍ଦଦାୟିନୀ ସତ୍ତାଟିର କୌଣସି ଲିଙ୍ଗ ନଥାଏ, ଏହିପରି ଏକ ସ୍ୱୀକାରୋକ୍ତିରେ ଉପନ୍ୟାସଟିରେ ଯବନିକା ଟାଣିଛନ୍ତି ଔପନ୍ୟାସିକ ।

**ଅସାମାଜିକ (୨୦୧୧):** କଥାଶିଳ୍ପୀ ସରୋଜିନୀ ସାହୁଙ୍କର 'ଅସାମାଜିକ' ଉପନ୍ୟାସ ଏକ ଲେସବିଆନ୍ ପ୍ରେମ ସମ୍ପର୍କ ଉପରେ ଆଧାରିତ। ଦୁଇ ବାଲ୍ୟ ବାନ୍ଧବୀ ଫୁଲମଣି ଓ ଚିନାମାଳୀ ଭିତରେ ଗଢ଼ିଉଠିଥିବା ସମ୍ପର୍କର ନିବିଡ଼ତା ଓ ତାହାକୁ କେନ୍ଦ୍ରକରି ଉଭୟଙ୍କ ପରିବାରର ତଥା ଗାଁ ଲୋକମାନଙ୍କ ଭିତରେ ସୃଷ୍ଟି ହୋଇଥିବା କ୍ରିୟା ପ୍ରତିକ୍ରିୟକୁ ଭିତ୍ତିକରି ଉପନ୍ୟାସଟିର କଥାବସ୍ତୁ ଗତିଶୀଳ। ସାଧାରଣ ଗ୍ରାମ୍ୟ ପରିବେଶ ଭିତରେ (ଯେଉଁଠାରେ ପ୍ରଥା ଓ ପରମ୍ପରାକୁ ଏଡ଼ିଯାଇ ଜୀବନ ବଞ୍ଚିବାର କଳ୍ପନା ସୁଦ୍ଧା କରାଯାଇନପାରେ), ଶିକ୍ଷା ଓ ସଂସ୍କାରର ସୀମାରେଖା ତଳେ ରହି ସୁଦ୍ଧା ଦୁଇଜଣ ଗ୍ରାମ୍ୟ ତରୁଣୀ ନିଜର ଅସ୍ମିତାର ସୁରକ୍ଷା ପାଇଁ ସମଗ୍ର ସମାଜ ବିପକ୍ଷରେ ଛିଡ଼ାହେବାର ଯେଉଁ ସାହସ ଦେଖାଇଛନ୍ତି, ତାହା ଔପନ୍ୟାସିକାଙ୍କର ସ୍ୱାଧୀନ ଚିନ୍ତନ ଓ ଦୃଢ଼ ପ୍ରତିବାଦୀ ଚେତନାର ପରିଚୟ ଦିଏ।

ଚିନା ଓ ଫୁଲର ବନ୍ଧୁତା ପିଲାଟିଦିନରୁ। ଏହି ବନ୍ଧୁତ୍ୱର ଆକର୍ଷଣ ଏତେ ତୀବ୍ରଯେ କେହି କାହାଠୁ ଅଲଗା ହେବାକୁ ଚାହାନ୍ତିନି। ମାତ୍ର ଘଟଣା କ୍ରମେ ଫୁଲର ପାଖ ଗାଁ କ୍ଷୀର ବ୍ୟବସାୟୀ ଝାରୁ ସହ ବିବାହ ହେଲାପରେ ଫୁଲ ତା ଜୀବନରେ ଚିନାର ଅନୁପସ୍ଥିତିକୁ ଉପଲବ୍ଧି କରିଛି ଓ ପିଲାଟିଦିନରୁ ପରସ୍ପର ଭିତରେ ଗଢ଼ିଉଠିଥିବା ଘନିଷ୍ଠ ସମ୍ପର୍କର ସଂଜ୍ଞା ଯେ ବାନ୍ଧବୀ ଭିନ୍ନ ଅନ୍ୟକିଛି, ଏକଥା ହୃଦୟଙ୍ଗମ କରିଛନ୍ତି ଉଭୟ। ଫୁଲକୁ ନେଇ ଝାରୁ ଓ ଚିନା ଭିତରେ ଦେଖାଦେଇଛି ଦ୍ୱନ୍ଦ୍ୱ, ଫୁଲକୁ ନିଜର କରିବାର ମାନସିକ ପ୍ରତିଯୋଗିତା। ପୁଣି ଘଟଣାକ୍ରମେ ଫୁଲର ବୈବାହିକ ଜୀବନରେ ଘଟିଯାଇଥିବା ଏକ ଅଘଟଣରେ କାହାଣୀର ନାଟକୀୟ ମୋଡ଼ ପରିବର୍ତ୍ତନ ଘଟିଛି। ଏ ଅଘଟଣରେ ଗାଁ ଲୋକ, ପରିବାର, ଏମିତିକି ଝାରୁ ମଧ୍ୟ ଫୁଲର ମନସ୍ଥିତି ବୁଝିବାକୁ ସକ୍ଷମ ହୋଇନଥିବାବେଳେ ଏକମାତ୍ର ଚିନାହିଁ ଫୁଲର ସହାୟ ହୋଇ ଛିଡ଼ା ହୋଇଛି ଓ ଫୁଲକୁ ତା' ଶାଶୁଘରୁ ନିଜ ସହ ନେଇ ଆସିଛି ନିଜଘରକୁ। ଫୁଲର ବାପା ମାଆ କିମ୍ବା ସ୍ୱାମୀ, ଶାଶୁ କେହିବି ତା'ର ଚିନା ସହ ମିଳାମିଶାକୁ ପସନ୍ଦ କରିନାହାନ୍ତି। ସାହିପଡ଼ିଶା ଲୋକ ମଧ୍ୟ ଏମାନଙ୍କର ନିବିଡ଼ତାକୁ ଖରାପ ଆଖିରେ ଦେଖିଛନ୍ତି। ମାତ୍ର ଫୁଲ ଓ ଚିନା ବେଖାତିର୍ କରିଦେଇଛନ୍ତି ସମାଜର ନାଲିଆଖିକୁ। ତେବେ ସେମାନଙ୍କ ଭିତରେ ଥିବା ଏଇ ସମ୍ପର୍କର ପରିଭାଷା କଣ? ସମାଜରେ ଏହି ସଂପର୍କର ସ୍ଥିତି କଣ? "ଫୁଲ ଆଉ ଚିନା ଏତେ କଥା ବୁଝନ୍ତି ନାହିଁ। ବୁଝନ୍ତିନାହିଁ କାହିଁକି ବାଘୁଣୀ ଆଉ କୁକୁର ଭିତରେ ପ୍ରେମ ହୁଏ? ବୁଝନ୍ତି ନାହିଁ ବରଗଛର ପ୍ରେମରେ କାହିଁକି ଲତା ଗଛଟେ ପଡ଼େ? ପ୍ରେମ ନିୟମ ଭାଙ୍ଗେ। ଆଉ ଯିଏ ଯେତେ ନିୟମ ଭାଙ୍ଗେ ସେତେ ପ୍ରେମରେ ପଡ଼ିଯାଏ ତ ।" (ଅସାମାଜିକ, ପୃ- ୬୨)

ଫୁଲ ଓ ଚିନା ମଧ୍ୟ ସେତିକି ଗଭୀର ଭାବରେ ମାତିଯାଇଛନ୍ତି ପରସ୍ପରର ପ୍ରେମରେ। ସକଳ ସାମାଜିକ ପ୍ରତିବନ୍ଧକ ଓ ପ୍ରତିକୂଳତା ସତ୍ତ୍ୱେ ଆଦରି ନେଇଛନ୍ତି ଦୁହେଁ ଦୁହିଁଙ୍କୁ ଓ ସାଜିଛନ୍ତି ଦୁହେଁ ଦୁହିଁଙ୍କର ପରିପୂରକ। ସାଧାରଣ ପ୍ରେମିକ ଦମ୍ପତିଙ୍କ ଭିତରେ ପରସ୍ପର ପ୍ରତି ଯେଉଁ ଦାୟ, ଦାୟିତ୍ୱ, ଶ୍ରଦ୍ଧା, ଅନୁରାଗ ରହିବା କଥା, ଏମାନଙ୍କ ଭିତରେ ବି ଅଛି। ଦୁଃଖରେ ସୁଖରେ, ସୁଦିନରେ ଦୁର୍ଦ୍ଦିନରେ ଦୁହେଁ ଦୁହିଁଙ୍କୁ ଲୋଡ଼ିଛନ୍ତି। ପ୍ରେମର ପରିଭାଷା କହିଲେ ଆମେ ଏହା ହିଁ ତ ବୁଝିଥାଉ! ମାତ୍ର " ହଁ ପ୍ରେମ ଓହ୍ଲେଇ ଆସେ ଦେହକୁ। ସେଇଠି ଆପତ୍ତି। ସେଇଠି ବିରୋଧ। ସେଇଠି ପାପପୁଣ୍ୟର ବିଚାର। ସେଇଠି ଅଶ୍ରଦ୍ଧା। ସେଇଠି ଛି-ଛାକର। ଅସଲରେ ଦେହଟା ଯେ ତୁଚ୍ଛା। କ୍ଷୟଶୀଳ। ତା'ଭିତରେ କୋଉଠି ଥାଏ

ତ ଢଳଢଳ ପ୍ରେମ।" (ଅସାମାଜିକ-୬୨) ଏଇ ଛୋଟିଆ ତତ୍ତ୍ୱକୁ ସେମାନେ ବୁଝେଇ ପାରିନାହାନ୍ତି ଖାରୁକୁ, ଫୁଲର ମାଆକୁ, ଶାଶୁକୁ, ଚିନାର ଦାଦା, ବଡ଼ବାପା ଆଉ ଗାଁଯାକର ଲୋକମାନଙ୍କୁ। ସମସ୍ତେ ଖୋଜିଛନ୍ତି ସମ୍ପର୍କରର ସାମାଜିକ ସଂଜ୍ଞା, ସମାଜ ଅନୁମୋଦିତ ପ୍ରତିଷ୍ଠା। ଯାହା ଅସମ୍ଭବ ବୋଧ ହୋଇଛି ସେମାନଙ୍କୁ। ତେଣୁ ଫୁଲ ଓ ଚିନାର ସମ୍ପର୍କ କ୍ରମେ ଅସହ୍ୟ ହୋଇଉଠିଛି ସମସ୍ତଙ୍କ ଆଖିରେ।

ଫୁଲର ନିଜର ସ୍ୱାମୀକୁ ଛାଡ଼ି ନିଜ ବାପା ମାଆଙ୍କୁ ଛାଡ଼ି ଚିନା ପାଖରେ ରହିବା ଓ ସ୍ୱାମୀ, ଶାଶୁ ଆଦି ବାରବାର ଆସି ଫୁଲକୁ ନିଜସହ ନେଇଯିବାକୁ ଚେଷ୍ଟାକରି ବିଫଳହେବା ଲୋକମାନଙ୍କ ମନରେ ପ୍ରତିକ୍ରିୟା ସୃଷ୍ଟି କରିଛି। ଫୁଲ ଓ ଚୀନାର ସମ୍ପର୍କକୁ ସମସ୍ତେ ସନ୍ଦେହ ଆଖିରେ ଦେଖିଛନ୍ତି। ଟାହିଟାପରା ମଧ କରିଛନ୍ତି। ଶେଷରେ ଚିନା ନିଷ୍ପତ୍ତି ନେଇଛି ସେମାନଙ୍କ ଭିତରେ ଥିବା ସମ୍ପର୍କକୁ ଏକ ସଂଜ୍ଞା ଦେବାକୁ। ତେଣୁ ସେ ଫୁଲକୁ ନେଇ ଗାଁ ମନ୍ଦିରରେ ସିନ୍ଦୂର ପିନ୍ଧେଇଛି। ମାତ୍ର ଏ କଥାର ପ୍ରବଳ ବିରୋଧ କରିଛନ୍ତି ଗାଁ ଲୋକେ। ଫୁଲ ମଧ ଚିନାର ଏମିତି ଏକ ନିଷ୍ପତ୍ତିକୁ ଗ୍ରହଣ କରିପାରିନାହିଁ। -

"କିଏ କହିଥିଲା ତାକୁ ମନ୍ଦିର ଯାଇ ଏତେ ଡ୍ରାମା କରିବାକୁ? ଘରେ କ'ଣ ଠାକୁର ନାହାନ୍ତି? ଘରେ କ'ଣ ଘିଅଦୀପଟେ ଜାଳି ସେ ମୁଣ୍ଡରେ ସିନ୍ଦୂର ପିନ୍ଧେଇ ପାରିନଥାନ୍ତା? ସିନ୍ଦୂର ନପିନ୍ଧେଇଲେବି କ'ଣ ସେମାନେ ଏକାଠି ରହିନଥିଲେ? କ'ଣ ଆବଶ୍ୟକତା ଥିଲା ବାହା ହବାର? ବାହାହେଇପଡ଼ିଲେ ଯେ ସେ ସନ୍ତାନବତୀ ହେବ, ତା' ନୁହେଁ। ତେବେ କି ଆବଶ୍ୟକତା ଥିଲା ବାହା ହେବାର? କି ଦରକାର ଥିଲା ଯାହା ସମାଜ ଅସ୍ୱୀକୃତ ତାକୁ ସାମାଜିକ ସ୍ୱୀକୃତି ଦେବାର?" (ଅସାମାଜିକ, ପୃ-୧୨୫)

ଏ ଦ୍ୱନ୍ଦ୍ୱରୁ ମୁକୁଳି ପାରିନାହିଁ ଫୁଲ। ତାକୁ ଲାଗିଛି ଯେମିତି ଗୋଟିଏ ପରେ ଗୋଟିଏ ନର୍କର ଦ୍ୱାର ଫିଟି ଯାଇଛି ତା'ପାଇଁ। ପାପପୁଣ୍ୟ ଭଲମନ୍ଦର ଦ୍ୱନ୍ଦ୍ୱ ଭିତରେ ଛନ୍ଦି ହେଇଯାଇଛି ଫୁଲ। ଏ ଘଟଣା ନେଇ ଚିନା ଓ ଫୁଲ ବିରୁଦ୍ଧରେ ଗାଁରେ ନିସାପ ବସିଛି। ଚିନାକୁ ହଜାରେ ଟଙ୍କା ଜୋରିମାନ ସହିତ ଫୁଲକୁ ନେଇ ତା ବାପଘରେ ନହେଲେ ଶାଶୁଘରେ ଛାଡ଼ିଆସିବାର ଫଇସାଲା ଶୁଣାଇଛନ୍ତି ଗାଁ ଲୋକେ।

ମାତ୍ର ଚିନା ହାର୍ ମାନିନାହିଁ। ଫୁଲପ୍ରତି ତା'ର ଏ ଭଲପାଇବାକୁ ସେ କୌଣସି ବି ମୁହୂର୍ତ୍ତରେ ହରେଇଦେବାକୁ ରାଜି ନୁହେଁ। ହେଇପାରେ ସେ ନାରୀ, ପୁରୁଷ ନୁହେଁ। ହେଇପାରେ ଏ ସମାଜ ନାରୀ ନାରୀ ଭିତରର ସମ୍ପର୍କକୁ ଦେଇଛି ଅବୈଧତାର ପରିଚିତି। ମାତ୍ର ଚିନା ତା' ଫୁଲକୁ ହରେଇବାକୁ କି ସମାଜର ଶୃଙ୍ଖଳ ନିକଟରେ ପରାଜୟ ବରଣ କରିବାକୁ ଚାହିଁନାହିଁ। – "ଚିନା ଭାବୁଥିଲା ସେ ତ ପୁରୁଷ ନୁହେଁ, ତଥାପି ତା' ଭିତରେ ଏ ବିଚିତ୍ର ଆକର୍ଷଣ କାହିଁକି ଫୁଲପାଇଁ। କାହିଁକି ଜୀବନ ବ୍ୟର୍ଥ ଲାଗେ ଫୁଲ ବିନା। ସେ ବି ତ ଘର ସଂସାର କରି ରହିପାରିଥାନ୍ତା କାହାରି ସାଙ୍ଗରେ। କାହିଁକି ତା' ମନ ବଳିଲା ନାହିଁ ଅନ୍ୟ ପୁରୁଷ ଆଡ଼କୁ? କାହିଁକି ଟିକିଏ କୋମଳତା, ଟିକିଏ ଲଜ୍ଜା, ଟିକିଏ ବିନୟପଣ ଅଧିକାରିଣୀ ହଲାନି ସେ? କାହିଁକି ଫୁଲର ତରଳ ସରଳ ଭାବରୁ ଆଞ୍ଜୁଳେ ଉଧାର ମାଗି ନେଲାନି? ଏବେ ଆଉ ପକ୍ଷୀରାଜ ଘୋଡ଼ାରେ ଚଢ଼ି ହିରୋ ହେବାକୁ ଇଚ୍ଛା ହେଉ ନଥିଲା ତା'ର। କିନ୍ତୁ ପରାଜୟ? ଅସହ୍ୟ। ସେ ଲଢ଼ିବ ଶେଷ ଯାଏଁ।" (ଅସାମାଜିକ-୧୩୫)

ସମାଜରୁ ପଳାୟନ ନୁହେଁ ବରଂ ସମାଜ ଭିତରେ ରହିହିଁ ଅସାମାଜିକର ନିଗଡ଼ରୁ ନିଜକୁ ମୁକୁଳେଇ ଆଣିପାରିବାର ସାହସ ଦେଖାଇବା ଓ ସାମାଜିକ ସ୍ୱୀକୃତି ମପାଇବା ଯାଏଁ ଲଢ଼େଇ ଲଢ଼ିଚାଲିବା ହିଁ 'ଅସାମାଜିକ' ଉପନ୍ୟାସର ଶେଷକଥା।

**<u>ଅଫେରା ନଦୀ*:</u>** ଏହି ଉପନ୍ୟାସଟିର ଲେଖକ ଅକ୍ଷୟ ମହାନ୍ତି। ଉପନ୍ୟାସର ନାୟିକା ସରସ୍ୱତୀ। ସରସ୍ୱତୀ ତା' ଜୀବନରେ ସାଉଁଟିଥିବା ଭିନ୍ନଭିନ୍ନ ପ୍ରେମାନୁଭୂତିକୁ ଆଧାର କରି ଉପନ୍ୟାସଟିର କଥାବସ୍ତୁ ଗ୍ରଥିତ। ସ୍କୁଲ୍ ଓ କଲେଜ୍ ପଢ଼ାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟରେ ଗବେଷଣା ଓ ଅଧ୍ୟାପିକା ଭାବରେ ବିତେଇଥିବା ଚାକିରୀ ଜୀବନରେ ସରସ୍ୱତୀ ଭେଟିଛି ଭିନ୍ନଭିନ୍ନ ନାରୀ ଚରିତ୍ରମାନଙ୍କୁ। ସେହି ନାରୀଚରିତ୍ର ମାନଙ୍କ ସହ ଗଢ଼ିଉଠିଥିବା ସମକାମୀ ପ୍ରେମ ସମ୍ପର୍କର ଚିତ୍ରଣ ହୋଇଛି ଉପନ୍ୟାସଟିରେ।

ନାରୀମାନଙ୍କ ପ୍ରତି ସରସ୍ୱତୀର ଆକର୍ଷଣ ପିଲାଟି ଦିନରୁ। ଯେତେ ଚେଷ୍ଟାକଲେ ବି ପୁରୁଷମାନଙ୍କୁ ସେ ଭଲପାଇପାରିନି। ତେଣୁ କୋ- ଏଡ଼ କଲେଜରେ ପଢ଼ିବାକୁ ତା' ବାପା ମା' ଓ୍ୱୋଦେଶ ଦେଇଥିଲେ ହେଁ ସେ ଗାର୍ଲସ୍କୁଲରେ ନାମ ଲେଖାଇଛି। ଏଇ ସ୍କୁଲ୍ ଜୀବନରେ ତା'ର ପ୍ରଥମ ସମ୍ପର୍କ ଗଢ଼ି ଉଠିଛି ଜ୍ୟୋତ୍ସ୍ନା ଗୁରୁମାଙ୍କ ସହ। ଜ୍ୟୋତ୍ସ୍ନା ଗୁରୁମାଙ୍କୁ ଲୁଚିଲୁଚି ଦେଖିବା, ତାଙ୍କ ସହ କଥାହେବାକୁ ତାଙ୍କ ପାଖରେ ବସିବାକୁ ଇଚ୍ଛା ପ୍ରକାଶ କରିବା ଏ ସବୁ ଯେ ତା'ର ଜ୍ୟୋତ୍ସ୍ନା ଗୁରୁମାଙ୍କ ପ୍ରତି ଥିବା ପ୍ରେମର ପ୍ରତିଫଳନ ଏହା ଆରମ୍ଭରୁ ବୁଝିପାରିନି ସରସ୍ୱତୀ। - "ତେବେ ଗୋଟିଏ ବଡ଼ କଥା ସରସ୍ୱତୀ ବୁଝିପାରୁନଥିଲା। ସେ ଜାଣିଥିଲା ଯେ ଏ ସମୁଦ୍ର କୂଳରେ ସେ ଓ ଗୁରୁମା ବୁଲୁଛନ୍ତି। ସେଇଟା ହିଁ ସବୁଠାରୁ ବଡ଼ ସତ୍ୟ ଆଉ ଏ ସତ୍ୟଟା ହିଁ ତା' ଲାଗି ପ୍ରେମ। ସେ ଆଉ କାହାକୁ ପ୍ରେମ କରିବାକୁ ଚାହେଁନା। ଗୁରୁମାଙ୍କ ପାଖରେ ଥିବା ପର୍ଯ୍ୟନ୍ତ ସେ ଆଉ କାହା ସହ କଥାବାର୍ତ୍ତା କରିବାକୁ ଚାହେଁନା ।' ଏ ଆକର୍ଷଣ, ଜ୍ୟୋତ୍ସ୍ନା ଗୁରୁମାଙ୍କୁ ଗୋଟାପଣେ ନଜର କରିବାର ଇଚ୍ଛା, ତାଙ୍କ ସହ ଏକାନ୍ତରେ ସମୟ ବିତେଇବାର ସ୍ୱପ୍ନ, ଏ ସବୁଯେ ଧିରେ ଧିରେ ସରସ୍ୱତୀ ମନରେ ନାରୀ ସମକାମୀ

ଆକର୍ଷଣ ତିଆରି କରୁଥିଲେ। ଯାହା ବୟସ ବଢ଼ିବା ସହ ସରସ୍ୱତୀ ବୁଝିପାରିଥିଲା।

କିଶୋର ବୟସରୁ ନାରୀପ୍ରତି ସରସ୍ୱତୀ ମନରେ ଯେମିତି ଆକର୍ଷଣ ତିଆରି ହେଉଥିଲା ସମାନ୍ତରାଳ ଭାବେ ପୁରୁଷ ପ୍ରତି ବିକର୍ଷଣ ବି ଜାତ ହେଉଥିଲା। ତେଣୁ ମାଟ୍ରିକ୍ ପାସ୍ କରି କଲେଜ୍ ପଢ଼ିଲାବେଳେ ତା' ପାଇଁ ଟ୍ୟୁସନ୍ ସାର୍ ଠିକ୍ ହୋଇଥିବା କଥା ଜାଣି ତା ମନରେ ପ୍ରତିକ୍ରିୟା ଦେଖାଦେଇଛି- "ଟିଉସନ୍ ସେ କାହା ପାଖରେ ନେବ? ନିଶ୍ଚୟ ଜଣେ ଯୁବକ ଶିକ୍ଷକ ଆସିବ। ସରସ୍ୱତୀ ପଢ଼ାଘରେ ଜଣେ ଯୁବକ ସହିତ ଏକାଏକା ପଢ଼ିବା କଥା ଭାବି କେମିତି ଥରି ଉଠିଲା। ପ୍ଲସଟୁ ଫାଷ୍ଟ ଇୟରଟା କୌଣସି ମତେ ଚାଲିଗଲା। କିନ୍ତୁ ସେକେଣ୍ଡ ଇୟରରେ ଟିଉସନ୍ ନେବାକୁ ପଡ଼ିଲା। ଗୋଟେ ପୁଅ କଲେଜ୍ର ଲେକଚର୍ ଆସନ୍ତି ପଢ଼େଇବାକୁ। ସେ କେବଳ ଦୁଇଟା ସବଜେକ୍ଟ ପଢ଼ାନ୍ତି। ସରସ୍ୱତୀକୁ ଅଡୁଆ ଲାଗେ ତାଙ୍କ ପାଖରେ ବସି ପଢ଼ିବାକୁ। ମାସକ ପରେ ସେ ଅଣନିଃଶ୍ୱାସି ହୋଇ ଉଠିଲା।"

ତେଣୁ ମାଙ୍କୁ କହି ତା'ର ଟ୍ୟୁସନ୍ ସାର୍ ଙ୍କ ବଦଳି କରାଇଥିଲା ସରସ୍ୱତୀ। ଏହିପରି ଘଟଣା କ୍ରମରେ ଜ୍ୟୋତି ସହ ତା'ର ଦେଖା ଓ ଜ୍ୟୋତି ସହ ଘନିଷ୍ଠତା ତାକୁ ପ୍ରେମର ଏମ ନୂଆ ଦୁନିଆ ସହିତ ପରିଚିତ କରାଇଲା। ସରସ୍ୱତୀ ବୁଝିପାରିଲା ତା ଭିତରେ ନାରୀ ପ୍ରତି ଥିବା ଆକର୍ଷଣଟି ପ୍ରକୃତରେ ପ୍ରେମ। ଏହାପରେ ସରସ୍ୱତୀ ଜୀବନରେ ପ୍ରତିଟି ମୋଡ଼ରେ ଆସିଛନ୍ତି ନୂଆ ନୂଆ ନାରୀ, ନୂଆ କରି ସେମାନଙ୍କ ପ୍ରେମରେ ପଡ଼ିଛି ସରସ୍ୱତୀ। ଜ୍ୟୋତ୍ସ୍ନା ଗୁରୁମା, ଜ୍ୟୋତି, ମିନୁ ମ୍ୟାଡ଼ାମ, ବାଣୀ ମ୍ୟାଡ଼ାମ, ପୂର୍ଣ୍ଣିମା ପରି ଯେତେ ଯେତେ ନାରୀମାନଙ୍କ ସଂସର୍ଗରେ ଆସିଛି, ସେତେସେତେ ପ୍ରେମର ନୂତନ ଦିଗକୁ ଆବିଷ୍କାର କରିଚାଲିଛି ସରସ୍ୱତୀ। ବହେମିଆନ ଚରିତ୍ରଟିଏ ପରି ଜୀବନକୁ ବେପରୁଆ ଭାବେ ବଞ୍ଚିବାରେ ଲାଗିଛି ସେ। ଭଲମନ୍ଦ ପାପପୂଣ୍ୟର ବିଚାର ସେ କରିନି, ଜୀବନର ପ୍ରବାହକୁ ତା ବାଟରେ ବହିଯିବାକୁ ଦେଇଛି ଅଫେରା ନଦୀ ପରି।

**ଅଦୃଶ୍ୟ ଅସ୍ତିତ୍ୱ (୨୦୧୬):** ଅଦୃଶ୍ୟ ଅସ୍ତିତ୍ୱ'ର ଲେଖକ ସହଦେବ ସାହୁ। 'ସାମ୍ନା' ପତ୍ରିକାର ଉପନ୍ୟାସ ବିଶେଷାଙ୍କରେ ୨୦୧୬ ମସିହାରେ ଏହା ପ୍ରକାଶଲାଭ କରିଥିଲା। ଏହି ଉପନ୍ୟାସଟିରେ ରହିଛି ସୁରେଶର ଜୀବନ ସଂଘର୍ଷ, ବିବିଧ ଯୌନାନୁଭୂତିର ଓ ସୁରେଶରୁ ମୋହିନୀ କିନ୍ନରରେ ରୂପାନ୍ତରଣର କାହାଣୀ।

ପିଲାଟି ଦିନରୁ ସୁରେଶ ମନରେ ଥିବା ପୁରୁଷ ପ୍ରତି ଆକର୍ଷଣ ଭାବ ଓ ନିଜ ଭିତରରେ ଥିବା ନାରୀ ସତ୍ତାଟିର ଅନୁଭବ ତା ଜୀବନକୁ ଭିନ୍ନ ପଥରେ ପରିଚାଳିତ କରିଛି। ତା'ର ପ୍ରଥମ ସମଲିଙ୍ଗୀ ସମ୍ପର୍କ ଗଢ଼ି ଉଠିଛି କିଶୋର ଅବସ୍ଥାରୁ। ପାର୍ବତୀପୁର ଗ୍ରାମର ରାଧାକୃଷ୍ଣ ମନ୍ଦିରର ସେବକ ବଟନନା ତାକୁ ପ୍ରଥମକରି ପରିଚିତ କରାଇଛି ତା ଭିତରେ ଥିବା ନାରୀ ସତ୍ତାଟି ସହିତ। "ବଟନନା ତା' ଛାତିରେ ସୁରେଶକୁ ଚାପି ଧରିଲା, ତା ଚୁଟିକୁ ସାଉଁଳେଇ ଦେଇ ଚିବୁକରେ ଚୁମାଦେଇ କହିଲା, ତୁ ସୁରେଶ ନୁହେଁ, ତୁ ମୋହିନୀ। ତୋ ଦେହ ସୁରେଶର, ଆତ୍ମାଟା ମୋହିନୀର। ତୁ ସୁରେଶ ଦେହରେ ବନ୍ଦିନୀ, ଶ୍ରୀକୃଷ୍ଣଙ୍କର ରାଧା।'

ସମୟକ୍ରମେ ସୁରେଶ ବଡ଼ ହେଇଛି, ପରିବାରର ଦାୟଭାରରେ ଚାକିରୀ ଖୋଜିଛି ଓ ଆସି ପହଞ୍ଚିଛି ତା ବାପାଙ୍କର ପିଲାଦିନର ସହପାଠୀ ପ୍ରଭାକର ଜେନା ନିକଟରେ। ପ୍ରଭାକର ସୁରେଶକୁ ଚାକିରୀ ଦେଇଛି ଓ ନିଜ ଘରେ ନେଇ ରଖେଇଛି। ସୁରେଶ କ୍ରମେ ପ୍ରଭାକରର କଳା ବଜାରୀ ଧନ୍ଦାରେ ଜଡ଼ିତ ହୋଇ ନାନା ଅନୈତିକ କାମରେ ଲିପ୍ତ ରହିଛି। ସୁରେଶ ପ୍ରଭାକରର ଯୌନତାର ଶିକାର ମଧ୍ୟ ହୋଇଛି; ଏପରିକି ପ୍ରଭାକରର ସ୍ତ୍ରୀ ମୌସୁମୀ ସହ ମଧ୍ୟ ଶାରୀରିକ ସଂମ୍ପର୍କ ରଖିବାକୁ ବାଧ୍ୟ ହେଇଛି। ଏ କ୍ରମେ ଛନ୍ଦି ହେଇ ଯାଉଥିବା ବୁଢ଼ିଆଣୀ ଜାଲ ଭିତରୁ ମୁକ୍ତି ଖୋଜିଛି ସୁରେଶ। କିନ୍ନର ସୁସ୍ମିତା ମା' ତା'ର ସହାୟ ହୋଇଛନ୍ତି। ଶେଷରେ ସୁସ୍ମିତା ମାଆଙ୍କ ସହାୟତାରେ ସେ ପ୍ରଭାକର ଜେନାର ମାୟାଜାଲରୁ ବାହାରିବାରେ ସକ୍ଷମ ହୋଇଛି ଓ ସୁସ୍ମିତା ମା ଗଢ଼ିଥିବା 'ସାଥୀ' ସଂଗଠନରେ ଯୋଗଦେଇ କିନ୍ନର ମାନଙ୍କ ପାଇଁ କାମ କରିବାକୁ ଇଚ୍ଛା ପ୍ରକାଶ କରିଛି। ପରିଶେଷରେ ସୁରେଶର ରୂପାନ୍ତରଣ ଘଟିଛି ମୋହିନୀକୁ।

ବାହ୍ୟ ଅସ୍ତିତ୍ୱର ଆଢୁଆଳରେ ପ୍ରତିଟି ମଣିଷ ଭିତରେ ଯେ ଲୁକ୍କାୟିତ ହେଇ ରହିଥାଏ ଏକ ଅଦୃଶ୍ୟ ଅସ୍ତିତ୍ୱ ଓ ଏହି ଅଦୃଶ୍ୟ ଅସ୍ତିତ୍ୱଟିର ବହିଃପ୍ରକାଶରେ ହିଁ ଚେତନାର ସର୍ବାଙ୍ଗୀଣ ବିକାଶ ସମ୍ଭବ , ଏହା ହିଁ ଏହି ଉପନ୍ୟାସର ସାର ନିର୍ଯ୍ୟାସ ।

**ଇତର(୨୦୨୧):** ନିକଟ ଅତୀତରେ ପ୍ରକାଶିତ ଯୁବ କଥାକାର ଶୁଭ୍ରାଂଶୁ ପଣ୍ଡାଙ୍କର ଉପନ୍ୟାସ 'ଇତର' ଗୋବିନ୍ଦ ନାମୀ ଜଣେ ରୂପାନ୍ତରଲିଂଗୀର ଗୋବିନ୍ଦରୁ କିନ୍ନର ଗୁରୁ କରୀନା ମାଆ ହେବାଯାଏଁ ଦୀର୍ଘ ଜୀବନ ଯାତ୍ରାର କାହାଣୀ ସବଳିତ। ଗୋବିନ୍ଦ ମାଧ୍ୟମରେ ସମାଜ ଆଖିରେ ଅପାଂକ୍ତେୟ ସେହି ଶହ ଶହ କିନ୍ନରଙ୍କର ଜୀବନର ଦୁଃଖ, ପ୍ରେମ, ପ୍ରତାରଣା, ପାରିବାରିକ ପରିସ୍ଥିତି ଠାରୁ ଆରମ୍ଭ କରି କିନ୍ନର ବସ୍ତିର ଜୀବନ ଶୈଳୀ ଓ କିନ୍ନରଙ୍କ ବହୁ ଅନ୍ଧାରୀ ଦୁନିଆର ବହୁ ରହସ୍ୟ ଉନ୍ମୋଚନର ପ୍ରାୟାସ କରାଯାଇଛି ଏ ଉପନ୍ୟାସରେ।

ପ୍ରଥମ ପୁରୁଷୀୟ ଶୈଳୀରେ ରଚିତ ଏ ଉପନ୍ୟାସର କେନ୍ଦ୍ରରେ ରହିଛି ଗୋବିନ୍ଦ ଓରଫ୍ ବେବି ଓରଫ୍ ଡିଳ ଓରଫ୍ ଗୋପୀ ଓରଫ୍ ଲୀନା ଓରଫ୍ କରୀନା ଗୁରୁ ମାଆ। ଏହି ସନ୍ଦିଗ୍ଧ ଚରିତ୍ରଟି ନିଜ ଅତୀତ ଜୀବନର ପୃଷ୍ଠା ପରେ ପୃଷ୍ଠା ଖୋଲି ଚାଲିଛି ଜନୈକ ଲେଖକର କୌତୂହଳ ଆଗରେ।

ବର୍ତ୍ତମାନ କିନ୍ନର ସମାଜର ଗୁରୁ ମାଆ ଭାବରେ ପ୍ରତିଷ୍ଠିତ ତଥା ବହୁ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ କରୀନା କିନ୍ନରଙ୍କର ଜୀବନୀ ଲେଖିବାର ଅଭିଳାଷରେ ଲେଖକଟି କିଛି କିଛି ଦିନର ବ୍ୟବଧାନରେ କରୀନା ନିକଟକୁ ଆସୁଛି ଓ କଥା ଛଳରେ ଆଦାୟ କରି ନେଉଛି ତା ଅତୀତ ଜୀବନର ଅନୁଭୂତି ସବୁକୁ। ଏହି ଅନୁଭୂତିରେ ପାଠକଟିଏ ଭେଟେ ଜଣେ ପୁରୁଷ ଶରୀର ନେଇ ଜନ୍ମିଥିବା ଅଥଚ ଅନ୍ତରରୁ ନିଜକୁ ନାରୀ ବୋଲି ଅନୁଭବ କରୁଥିବା ବ୍ୟକ୍ତି ସତ୍ତାର ସଂଘର୍ଷମୟ ଶୈଶବ, ଯୌନ ଶୋଷଣ, ପାରିବାର ଓ ସମାଜର ଉତ୍ପୀଡ଼ନ।

ଗୋବିନ୍ଦ ପିଲାଦିନରୁ ନିଜର ଶରୀର ଓ ମନର ଅସାମଞ୍ଜସ୍ୟକୁ ନେଇ ନାନା ଭାବରେ ବୈଷମ୍ୟର ଶୀକାର ହୋଇଛି। ବାପା, ଦାଦାଙ୍କଠୁ ଆରମ୍ଭ କରି ସ୍କୁଲ, ସାଙ୍ଗ ସାଥି, ଶିକ୍ଷକଙ୍କ ଯାଏଁ ସବୁଠି, ସବୁ ପରିସ୍ଥିତିରେ ସେ ଭୋଗିଛି ମାନସିକ ତଥା ଶାରୀରିକ ନିର୍ଯାତନା। ସମାଜ ଆଖିରେ ସେ ପାଲଟିଛି ଇତର, ଅପାଂକ୍ତେୟ ଓ ଅଭିଶପ୍ତ। ପୁଣି ସମକାମି ଯୌନ ଆକର୍ଷଣ ତା ଜୀବନରେ ଝଡ଼ ଆଣି ଦେଇଛି। ସ୍କୁଲ୍ ରେ ପଢ଼ିବା ବେଳେ ସେ ଭଲ ପାଇଛି ମଧୁ ସାର୍ କୁ। ମାତ୍ର ଏ ପ୍ରେମର ପରିଣାମ ସ୍ୱରୂପ ତାକୁ ବାଛନ୍ଦ ହେବାକୁ ପଡ଼ିଛି ନିଜ ଘରଠୁ, ବାପା ମାଆଙ୍କ ଠୁ, ପରେ ପୁଣି ତା ଜୀବନରେ ଆସିଛି ବିନୋଦ, ପୁଣି ଥରେ ପ୍ରତାରଣା ପୁଣି ଥରେ ସାମାଜିକ ପରିହାସର ଫଳପ୍ରସୂ ସାଜିଛି ତା'ର ପ୍ରେମ। ଶେଷରେ ନାଚ ଦଳରେ ବେବୀ ଭାବରେ ତ ପୁଣି କିନ୍ନର ବସ୍ତିରେ ଗୋପୀ ଭାବରେ, ଗୋପୀରୁ ପୁଣି ଲିନା ଏମିତି ଏମିତି ସମାଜ ଓ ସମୟର ତାଡ଼ନାରେ ବଦଳି ଚାଲିଛି ତା'ର ପରିଚୟ। ଓ ପରିଶେଷରେ ସେ କିନ୍ନର ସଙ୍ଗଠନର ଗୁରୁ ମାଆ କରୀନା ସାଜିଛି। ସମାଜରେ ଏକ ସମ୍ମାନ ଓ ସ୍ୱାଭିମାନର ଜୀବନ ବଞ୍ଚିଛି। ତା ପରି ଶହ ଶହ କିନ୍ନରଙ୍କର ପ୍ରତିନିଧି ସାଜି ସମାଜ ପାଖରେ ନିଜ ଅସ୍ତିତ୍ୱର ଲଢ଼େଇ ଲଢ଼ିଚି।

ଉପନ୍ୟାସରେ କେବଳ କିନ୍ନର ସମାଜର ଅବ୍ୟବସ୍ଥା କଥା କହି କିମ୍ବା ସମକାମିତା ପ୍ରେମର ଅସହାୟତା କଥା କହି ସମବେଦନା ସାଉଁଟିବାକୁ ଚେଷ୍ଟା କରିନାହାନ୍ତି କଥାକାର। ସବୁ ପରେ ବି କିନ୍ନର ଟିଏ ଯେ ସାଧାରଣ ମଣିଷ। ସ୍ୱ ଶରୀର ଓ ଯୌନତା ନେଇ ସେ ସ୍ୱୟଂ ସଂପୂର୍ଣ୍ଣ। ସେ ଅଳିକ ନୁହେଁ, ଇତର ନୁହେଁ ଏ କଥାକୁ ପ୍ରମାଣିତ କରିବାକୁ ଚାହିଁଛନ୍ତି ଲେଖକ କରୀନାର ସ୍ୱରରେ -"ଯେଉଁ ଅପୂର୍ଣ୍ଣତାକୁ ନେଇ ମୁଁ ବହୁଦିନ ଯାଏଁ ଧନ୍ଦି ହେଉଥିଲି, ସେଇ ଅପୂର୍ଣତା ହିଁ ମୋତେ ଏବେ ଶାନ୍ତି ଦେଉଛି। ଦିନେ ଯେଉଁ ଦେହ ଓ ଜୀବନକୁ ନେଇ ମୁଁ ଲଜ୍ଜିତ ଥିଲି ଆଉ ଦୁଃଖ କରୁଥିଲି, ଏବେ ଗର୍ବ କରୁଛି। ମୁଁ ଜାଣେନା ପୁନର୍ଜନ୍ମ ଅଛି କି ନା ! ଯଦି ଥାଏ, ତେବେ ମୋର ଇଚ୍ଛା, ମୁଁ ଏମିତି ଇତରଟିଏ ହୋଇ ଏଇ ଧରାକୁ ଆସୁଥାଏ; ପୃଥିବୀର ପ୍ରତିଟି ମଣିଷ ମୋତେ ଆପଣେଇ ନନେବା ଯାଏଁ ମୁଁ ଜନ୍ମ ନେଉଥାଏ ଇତର ହୋଇ ବାରମ୍ବାର।" ( ଇତର, ପୃଷ୍ଠା - ୧୪୦)

**<u>ବିଦାୟ ବେଳାର ସୂର୍ଯ୍ୟ ( ୨୦୨୨):</u>** ତାପସ କୁମାର ରାଉତଙ୍କ ଲେଖିତ ଉପନ୍ୟାସ 'ବିଦାୟ ବେଳାର ସୂର୍ଯ୍ୟ' ଏକ ପୁରୁଷ ସମକାମୀ ସମ୍ପର୍କର ଭିତ୍ତି ଉପରେ ପ୍ରତିଷ୍ଠିତ। ଅନୁରାଗ ଓରଫ୍ ସାଥୀ କଲେଜ୍ ଜୀବନରେ ଭେଟିଛି କଲେଜର ସିନିୟର୍ ଚନ୍ଦ୍ରଲୋକ ଚୌଧୁରୀ ବା ଝଲକକୁ। ଝଲକ ସହ କ୍ରମେ ସାଥୀର ବନ୍ଧୁତା ନିବିଡ଼ ହୋଇଛି। ସାଥୀ ହଷ୍ଟେଲ ଛାଡ଼ି ଆସି ଝଲକ ସହ ଗୋଟାଏ ଘରେ ରହିଛି। ପିଲାଟି ଦିନରୁ ପୁରୁଷଙ୍କ ପ୍ରତି ଆକର୍ଷିତ ସାଥୀ ମନରେ ଧିରେ ଧିରେ ଝଲକ ପ୍ରତି ଦୁର୍ବଳତା ତିଆରି ହୋଇଛି।।

ଦିନେ ଝଲକ, ସାଥୀ ଓ ଝଲକର ସାଙ୍ଗମାନେ ମିଶି ଝଲକ ଘରେ ପାର୍ଟିର ଆୟୋଜନ କରିଛନ୍ତି- "ସାଙ୍ଗମାନେ ସବୁ ଫେରିଗଲା ପରେ, ବଳିଥିବା ମଦକୁ ବାଣ୍ଟିକରି ପିଇଛନ୍ତି ଦୁହେଁ। ମଦ ନିଶାରେ ସାଥୀକୁ କୁଣ୍ଢେଇ ଧରି ଶୋଇଛି ଝଲକ। ଚୁମ୍ବନ ଉପରେ ଚୁମ୍ବନ ଦେଇଚାଲିଛି ସାଥୀକୁ। ମତୁଆଲା ହୋଇଉଠିଛି ସାଥୀ। ଆଉ ନିଜକୁ ସମ୍ଭାଳି ପାରିନି। ଝଲକକୁ ଭୋଗିବାର ଇଚ୍ଛାରେ ପାଗଳ ହୋଇ ଉଠିଛି ସେ। ତା'ର ହାତ ସବୁ ଚଞ୍ଚଳ ହୋଇଉଠିଛନ୍ତି ଝଲକକୁ ଉତ୍ତେଜିତ କରିବା ପାଇଁ। କପଡ଼ା ଖୋଲି ଦେଇଛି ତା'ର ଘଟିଯାଇଛି କାଣ୍ଡ। ମଦନିଶାରେ ଝଲକ ଉପଭୋଗ କରିଛି ସାଥୀକୁ। ଦୁହେଁ ମାତି ଯାଇଛନ୍ତି ସୃଷ୍ଟିର ଆଦିମ ଖେଳରେ।"(ବିଦାୟ ବେଳାର ସୂର୍ଯ୍ୟ, ପୃଷ୍ଠା - ୩୨)

ମାତ୍ର ସାଥୀ ମନରେ ଏ ଘଟଣାକୁ କେନ୍ଦ୍ର କରି ନାନା ଭାବାନ୍ତର ତିଆରି ହୋଇଛି। ତା ଭିତରେ ଦେଖା ଦେଇଛି ଗ୍ଳାନିବୋଧ। ଜଣେ ବିଷମକାମୀ ପୁରୁଷ ସହ ଯେତେ ଯୌନ ସମ୍ପର୍କ ରଖିଲେ ବି ସେ କେବେ ସମାକାମୀ ପୁରୁଷର ନିଜର ହୋଇ ପାରେନା। - "ଏହି ଦ୍ୱନ୍ଦ୍ୱ ଭିତରେ କଟିଗଲା ତା'ର ପୂରାଦିନ। ଝଲକର ଦିନସାରା ଦେଖାନାହିଁ। ସାଥୀ ନିଜ ମନକୁ ବୁଝାଇଛି। ଏ କ୍ଷଣିକ ସୁଖ କେବଳ। ସେ ଯେଉଁ ସମାଜରେ ବଞ୍ଚେ ସେଠି ପୁରୁଷଟେ ନିଜ ମନଲାଖି ପୁରୁଷଟେ ପାଇପାରେନା। ସମାଜରେ ଅନେକ ଲୋକ ତା' ଭଳି ଅଛନ୍ତି ଯେଉଁମାନେ ଜୀବନ ସାରା ଲୁଚାଚୋରାରେ କେଉଁଠି କେମିତି ଟିକେ ମିଳିଗଲେ ନିଜ ଶୋଷ ମେଣ୍ଟାନ୍ତି। ହେଲେ ପାଣିର ଭଣ୍ଡାରଟିକୁ ପାଖରେ ରଖିପାରନ୍ତିନି ସମ୍ମାନର ସହ। କିଛି ପାଟିବୁଜି ଦାନ୍ତଚିପି ଲୋକଲଜ୍ୟା ଭୟରେ ନିଜ ଭିତରେ ହିଁ ଶୋଷରେ ମରି ଯାଆନ୍ତି। ସାମ୍ନାରେ ଯମ ହୋଇ ଛିଡ଼ା ହୋଇଥାଏ ସମାଜ। ସମାଜ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବାର ସାହସ କେତେଜଣ କରିପାରିଛନ୍ତି!"(ବିଦାୟ ବେଳାର ସୂର୍ଯ୍ୟ, ପୃଷ୍ଠା - ୩୩)

ଝଲକ କ୍ଷେତ୍ରରେ କିନ୍ତୁ ଓଲଟା ଘଟିଛି। ସେଦିନର ସେହି ଘଟଣା ପରେ ଝଲକ ବେଶି ବେଶି ଭଲ ପାଇଛି ସାଥୀକୁ। ସାଥୀ ତା ଜୀବନ ଯାପନର ଏକ ନିତ୍ୟ ଅଭ୍ୟାସରେ ପରିଣତ ହେଇ ଯାଇଚି ଯେମିତି। ଧିରେ ଧିରେ ଝଲକର ସାଙ୍ଗ ସାଥି, କଲେଜ୍, ସହର ସବୁଠି ସାଥୀ ଓ ଝଲକର ସମ୍ପର୍କକୁ ନେଇ ଚର୍ଚ୍ଚା ହୋଇଛି। ଏସବୁକୁ ଖାତିର କରିନି ଝଲକ। କିନ୍ତୁ ଘଟଣା କ୍ରମେ ସାଥୀ ପରିବାର ଓ ସମାଜର ଚାପରେ ଦୂରେଇ ଯାଇଛି ଝଲକ ଠାରୁ, ସବୁ ଯୋଗାଯୋଗ ଛିନ୍ନ କରି। ହଠାତ୍ ଦିନେ ଝଲକ ଶୁଣିଛି ସାଥୀ ବାହା ହୋଇଯିବାର ଖବର। ଝଲକ ହରେଇ ଦେଇଛି ନିଜର ମାନସିକ ସନ୍ତୁଳନ। ଗଭୀର ଅଶାନ୍ତିରେ ଘୁରି ବୁଲିଛି ପାଗଳଙ୍କ ପରି। କାହିଁକି ସାଥୀ ତା ସହ ଏପରି କଲା ପ୍ରଶ୍ନ କରିଛି ନିଜକୁ ବାରବାର ମାତ୍ର ଉତ୍ତର ଶୂନ୍ୟ ହୋଇ ନିରବତା ହିଁ ସାର ହେଇଛି ତା ପାଇଁ -"ତୁ ଗେ ଥିଲୁ, ମୁଁ ନଥିଲି। ତୁ ଅସୁରକ୍ଷିତ ଥିଲୁ, ମୁଁ ନଥିଲି। ତାହା ତୁ ଭଲଭାବରେ ଜାଣୁ। ମୁଁ ବି ଚାହିଁଥିଲେ ତୋ' ପରି ସ୍ତ୍ରୀ ପିଲାର ସୁଖମୟ ସଂସାର କରିପାରିଥାନ୍ତି। କିଛି ଅଭାବ ନ ଥିଲା ମୋ ଶରୀରରେ। ଅଥଚ ସେ ସୁଖ ସବୁ ମୋଠାରୁ ଛଡ଼େଇନେଇ ତୁ ବଞ୍ଚିଲୁ। ମୋତେ ଫୋପାଡ଼ି ଦେଇଗଲୁ ତୋର ଶପଥରଜ୍ଜୁରେ ବାନ୍ଧି। ଶଠପରି ସେସବୁ ଶପଥକୁ ମିଥ୍ୟା ପ୍ରମାଣ କଲୁ। ନିଜେ ସବୁ ସୁଖକୁ ପାଛୋଟିନେଇ ମୋତେ ଫିଙ୍ଗିଦେଲୁ ଅନ୍ଧକାରମୟ ଗର୍ତ ମଧ୍ୟକୁ। ଆଜି ପୁଣି କାହିଁକି ଏ ଅନୁଶୋଚନା? କ'ଣ ପାଇଁ? ତୁ କ'ଣ ସତରେ ଚାହୁଁ ମୋ ପାଖକୁ ଫେରିଆସିବାକୁ? ଚାହିଁଲେ ବି କ'ଣ ଫେରିପାରିବୁ?" ( ବିଦାୟ ବେଳାର ସୂର୍ଯ୍ୟ, ପୃଷ୍ଠା - ୫୧)

ଶେଷରେ ସମ୍ପର୍କର ମୋହ ମାୟା ଛାଡ଼ି ଝଲକ ପରିଣତ ହୋଇଯାଇଛି ସନ୍ନ୍ୟାସୀରେ ଓ ଝଲକରୁ ପରିବର୍ତ୍ତିତ ହୋଇ ଯାଇଛି ଭ୍ରାତା ଶାଶ୍ୱତଦେବରେ।

**ଦୀପିୟା (୨୦୨୨):** ୨୦୨୨ ମସିହା 'ଡଟ୍ ସାହିତ୍ୟ' ନାମରେ ନୂଆକରି ପ୍ରକାଶ ପାଇଥିବା ଏକ ପତ୍ରିକାର ଆକ୍ଟୋବର-ଡିସେମ୍ବର ସଂଖ୍ୟାରେ 'ଦୀପିୟା' ଶୀର୍ଷକରେ ଏକ ଛୋଟ ଉପନ୍ୟାସ ପ୍ରକାଶପାଏ। ଏ ଉପନ୍ୟାସର ଲେଖିକା ନର୍ମଦା ସାହୁ। ଦୀପିକା ଓ ପିୟା ନାମକୁ ଦୁଇଜଣ ସହପାଠୀଙ୍କ ମଧ୍ୟରେ ଗଢ଼ି ଉଠିଥିବା ପ୍ରେମ କାହାଣୀକୁ କେନ୍ଦ୍ରକରି ଉପନ୍ୟାସର କଥାବସ୍ତୁ ଗତିଶୀଳ। ଉପନ୍ୟାସଟିର କଳେବର କ୍ଷୁଦ୍ର ଓ କଥାବସ୍ତୁରେ ମଧ୍ୟ ବ୍ୟାପକତା ପରିଲକ୍ଷିତ ନହେଲେହେଁ, ସମକାମି ପ୍ରସଙ୍ଗ ଆଧାରିତ ଉପନ୍ୟାସର ତାଲିକାରେ ଏହା ନିଜକୁ ସାମିଲ୍ କରିପାରିଛି ।

ଦୀପିକା ଓ ପିୟା ଦୁଇ ବାନ୍ଧବୀ। ପରସ୍ପରର ସ୍ୱଭାବ କିନ୍ତୁ ପୂରା ବିପରୀତ। ଦୀପିକା ଯେତିକି ନମ୍ର ଓ ଲଜ୍ଜାଶୀଳା, ପ୍ରିୟା ସେତିକି ରୁକ୍ଷ ଓ ପୁରୁଷ ସୁଲଭ। ଦୁହିଁଙ୍କ ମଧ୍ୟରେ ଘନିଷ୍ଠତା କ୍ରମେ ପ୍ରେମର ରୂପ ନେଇଛି। ଦୀପିକା ମନେମନେ ଭଲପାଇଛି ପିୟାକୁ। ମାତ୍ର ପିୟା ନିକଟରେ ନିଜର ମନକଥା ଖୋଲି କହିବାର ସାହସ ପାଇନି। କିନ୍ତୁ ଦୀପିକାର ପରିବାର ଲୋକ ତା'ର ଏପ୍ରକାର ନାରୀପ୍ରତି ଦୁର୍ବଳତା ବିଷୟରେ ଜାଣିପାରିଛନ୍ତି। ତେଣୁ ତାକୁ ଜୋର୍ କରି ବାହା କରାଇଦେଇଛନ୍ତି। ପୁରୁଷଙ୍କ ପ୍ରତି କୌଣସି ଆକର୍ଷଣ ନଥିଲେ ହେଁ ଦୀପିକା ବାଧ୍ୟ ହେଇଛି ତା ସ୍ୱାମୀ ସହ ରାତି ବିତେଇବାକୁ। ସ୍ୱାମୀର ନିର୍ଯାତନା ସହ୍ୟ କରିବାକୁ।

ଏ ସବୁକିଛି ଘଟି ଯାଇଛି ପିୟାର ଅଜାଣତରେ। ପିୟା ଯେତେବେଳେ ଦୀପିକାର ସନ୍ଧାନ ନେବାକୁ ତା' ଘରକୁ ଆସିଛି ସେତେବେଳେ ଦୀପିକାର ମାଆଙ୍କ ନିକଟରୁ ସବୁ କଥା ଜାଣିପାରିଛି। ଦୀପିକାର ଡାଏରୀ କାଢ଼ି ପଢ଼ିଛି। ବୁଝିପାରିଛି ଦୀପିକାର ତା' ପ୍ରତି ଥିବା ଭଲପାଇବାକୁ। ଶେଷରେ କାହାଣୀରେ ନାଟକୀୟ ପରିବର୍ତ୍ତନ ଘଟିଛି। ଦୀପିକା ନିଜ ସ୍ୱାମୀ କବଳରୁ ଖସି ଆସିଛି ଓ ପିୟା ବହୁ ବାଧାବିଘ୍ନ କଟାଇ ଦୀପିକା ପାଖରେ ପହଞ୍ଚିପାରିଛି। ଉଭୟଙ୍କର ମିଳନ ଘଟାଇ, ଏକ ସୁଖାନ୍ତକ ବିନ୍ଦୁରେ କାହାଣୀଟିରେ ପୂର୍ଣ୍ଣଛେଦ ଟାଣିଛନ୍ତି ଲେଖିକା। ପରିଶେଷରେ ସମାଜ ଓ ପରିବାର ବିରୁଦ୍ଧରେ ଯାଇ ଦୁଇଜଣ ନାରୀଙ୍କ ସଂଘର୍ଷ ଓ ପ୍ରେମର ବିଜୟ ଉପନ୍ୟାସରେ ସମକାମିତାର ଧାରାକୁ ଏକ ନୂଆ ଦିଗ ଦେଇଛି ନିଶ୍ଚୟ ।

ଏହି ପ୍ରମୁଖ ଉପନ୍ୟାସ କେତୋଟିକୁ ଛାଡ଼ିଦେଲେ ଆଉ କିଛି ଉପନ୍ୟାସରେ ମଧ୍ୟ ଆଂଶିକ ଭାବରେ ସମକାମିତାର ଚିତ୍ର ଦେଖିବାକୁ ମିଳିଥାଏ। କମଳାକାନ୍ତ ମହାପାତ୍ରଙ୍କର 'ଫଟୋ'(୧୯୯୦), ଅରବିନ୍ଦ ରାୟଙ୍କର 'ବସ୍ତି'(୨୦୧୭), ହିରଣ୍ମୟୀ ମିଶ୍ରଙ୍କର 'ମେଘପକ୍ଷୀର ଗୀତ'(୨୦୧୮), ମମତାମୟୀ ଚୌଧୁରୀଙ୍କର 'ମରୁଦ୍ରୋହ'(୨୦୨୨) ଆଦିରେ କଥାଭାଗର ଆଭିମୁଖ୍ୟ ଭିନ୍ନ ହେଲେହେଁ ସମକାମିତାର ଆଭାସ ବା ଆଂଶିକ ଚିତ୍ର ମଧ୍ୟ ପ୍ରତିଫଳିତ ହୋଇପାରିଛି।

ପରିଶେଷରେ ଏତିକି କୁହାଯାଇପାରେ ଯେ ୧୯୩୬ରୁ ୨୦୨୨ ମସିହା ଯାଏଁ ଉପନ୍ୟାସରେ ସମକାମିତାର ଧାରା ପ୍ରବାହ ବିରୋଧିତାରୁ କ୍ରମଃ ଗ୍ରହଣଶୀଳତା ଆଡ଼କୁ ଗତି କରିବାରେ ଲାଗିଛି। ସମକାମିତା ପ୍ରସଙ୍ଗ ଆଧାରିତ ପ୍ରଥମ ଉପନ୍ୟାସ(ହାଇଫେନ୍)ଟି ଓଡ଼ିଶାର ସାମାଜିକ ଓ ମାନସିକ ପ୍ରତିକୂଳତାରେ ନିଷିଦ୍ଧ ଘୋଷିତ ହେବାଠାରୁ ୨୦୨୨ରେ ରଚିତ ଉପନ୍ୟାସ(ଦୀପିୟା)ରେ ଦୁଇ ନାରୀଙ୍କର ସମାଜ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବାର ନିଷ୍ପତ୍ତି ପର୍ଯ୍ୟନ୍ତ, ଏ ଦୀର୍ଘ ୮ ଦଶନ୍ଧିରୁ ଉର୍ଦ୍ଧ୍ୱ ଯାତ୍ରାରେ ଓଡ଼ିଆ ସାହିତ୍ୟ ଓ ସମାଜର ବାତାବରଣରେ ସକାରତ୍ମକତାର ବିକାଶ ସ୍ୱତଃ ଅନୁଭୂତ ହୁଏ। ଏକଦା ଯେଉଁ ପ୍ରସଙ୍ଗ ସପକ୍ଷରେ ସ୍ୱର ଉଠାଇବାର ପୁରସ୍କାର ସ୍ୱରୂପ ଓଡ଼ିଆ ବୁଦ୍ଧିଜୀବୀମହଲ ଲେଖକକୁ ନେଇ ଠିଆ କରାଇଥିଲା କାଠଗଡ଼ାରେ, ଆଜି ସେହି ପ୍ରସଙ୍ଗସବୁ ଆମମାନଙ୍କ ପାଇଁ କେତେ ସାଧାରଣ ହୋଇ ଉଠିଛି ସତରେ?

ଆଉ ଆଗପରି ଅସଙ୍ଗତିର ଭାବନା ନାହିଁ। ସାମାଜିକ ଭ୍ରୂକୁଞ୍ଚନ ବି ନାହିଁ। ବରଂ ପାଠକ ବେଶି ବେଶି ଆଗ୍ରହୀ ହୋଇଛି। ଲେଖକ ବେଶି ବେଶି ସ୍ୱାଧିନ ହେଇପାରିଛି। ମଣିଷ ମଣିଷ ଭିତରେ ଥିବା ବୈଚିତ୍ର୍ୟାନୁସନ୍ଧାନ ହୋଇଉଠିଛି ଆହୁରି ଆହୁରି ବ୍ୟାପକ ଓ ଗଭୀର ଅନ୍ତର୍ଦୃଷ୍ଟି ସମ୍ପନ୍ନ। ଯୌନତାର ବିବିଧ ରୂପ ଓ ବିବିଧ ଅଭ୍ୟାସରୁ ଔପନ୍ୟାସିକ ଗ୍ରନ୍ଥି ଉନ୍ମୋଚନ କରିଛି। ପ୍ରେମର ଆକର୍ଷଣ ପାଖରେ ଦେହର ଶୃଙ୍ଖଳ ଯେ ଅଳିକ ଏ ମହତ୍ତର ସତ୍ୟର ଆନ୍ତଃ ଶୃଙ୍ଖଳରେ ଏ ଉପନ୍ୟାସସବୁ ହୋଇଛି ଗ୍ରଥିତ। ସତ କହିଲେ, ଏ ଉପନ୍ୟାସଗୁଡ଼ିକ ଆମ ଚାରିପାଖରେ ପ୍ରତିନିୟତ ଘଟିଚାଲିଥିବା ସାଧାରଣ କିନ୍ତୁ ଅବ୍ୟକ୍ତ ଘଟଣାର କେବଳ ସ୍ୱାକ୍ଷର ମାତ୍ର ।

(*ଅଫେରା ନଦୀ ଉପନ୍ୟାସଟି ବହୁ ପୂର୍ବରୁ ପ୍ରକାଶିତ ହୋଇଥିଲେ ହେଁ ଏହାର ପ୍ରକାଶ କାଳ ସମ୍ପର୍କରେ କୌଣସି ସଠିକ୍ ତଥ୍ୟ ମିଳିପାରୁ ନାହିଁ, ମାତ୍ର ୨୦୧୧ରେ ପ୍ରକାଶିତ ଅକ୍ଷୟ ଉତ୍ସବ ପତ୍ରିକାରେ ପୁନଃ ପ୍ରକାଶିତ ହୋଇଥିଲା। )

ସହାୟକ ଗ୍ରନ୍ଥସୂଚୀ:

୧) ଚାନ୍ଦ, ଗୋବିନ୍ଦ ଚନ୍ଦ୍ର। ଚନ୍ଦ୍ରମଣି ଦାସ। ୨୦୨୧। ପ୍ରଥମ ପ୍ରକାଶ । ସାହିତ୍ୟ ଅକାଦେମି, ନୂଆ ଦିଲ୍ଲୀ।

୨) ପାଠୀ, ଦିନନାଥ। ରୂପ ରଙ୍ଗ ଅନଙ୍ଗ। ୨୦୧୦। ପ୍ରଥମ ପ୍ରକାଶ। ଏଥେନା ବୁକ୍ସ, ଭୁବନେଶ୍ୱର।

୩) ପଣ୍ଡା, ଶୁଭ୍ରାଂଶୁ। ଇତର। ୨୦୨୧। ପ୍ରଥମ ପ୍ରକାଶ। ପେନ୍ ଇନ୍ ବୁକ୍ସ, ଭୁବନେଶ୍ୱର।

୪) ମହାପାତ୍ର, ଯତୀନ୍ଦ୍ର କୁମାର। ଅଭିନୟ ନୁହେଁ। ୧୯୭୨। ପ୍ରଥମ ପ୍ରକାଶ। ଜେ ମହାପାତ୍ର ଏଣ୍ଡ କୋ, ଗ୍ରନ୍ଥ ସାଥୀ ଅଫିସ୍, କଟକ।

୫) ରାଉତ, ତାପସ। ବିଦାୟ ବେଳାର ସୂର୍ଯ୍ୟ। ୨୦୨୨। ପ୍ରଥମ ପ୍ରକାଶ। ପେନ୍ ଇନ୍ ବୁକ୍ସ, ଭୁବନେଶ୍ୱର।

୬) ସାହୁ, ସରୋଜିନୀ। ଅସାମାଜିକ। ୨୦୧୧। ପ୍ରଥମ ପ୍ରକାଶ। ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ,

୭) ସାହୁ, ସହଦେବ। ଅଦୃଶ୍ୟ ମଣିଷ। ୨୦୨୩। ପ୍ରଥମ ପ୍ରକାଶ। ଆଦିତ୍ୟ ଭାରତ, କଟକ।

ପତ୍ରିକା:

୧) ଅକ୍ଷୟ ଉତ୍ସବ ୨୦୧୧।

୨) ଡ଼ଟ୍ ସାହିତ୍ୟ, ଅକ୍ଟୋବର ) ଡିସେମ୍ବର, ୨୦୨୨।

୩) ପ୍ରଗତି, ପ୍ରଥମ ବର୍ଷ, ପ୍ରଥମ ସଂଖ୍ୟା, ଜୁଲାଇ ) ୧୯୩୭।

## Funding

No funding was received for conducting this study.

## Does this article screened for similarity?

Yes

## Conflict of interest

The Author has no conflicts of interest to declare that they are relevant to the content of this article.

## About the Licenses

© Dipun Puhan 2024. The text of this article is open access and licensed under a Creative Commons Attribution 4.0 International License

## Cite this Article :

Dipun Puhan, Odia upanyasare samakamita prasang, Bageesha, Vol. No. 02, Issue No. 04, July - August 2024, Article No: BM2024/04-A003, Page- 20-30